## ଆଜି କ'ଣ କେଉଁଠି

ଭଦ୍ରକ

- ୨୩ ତମ ବାର୍ଷିକ ଜ୍ଞାନ ବିଜ୍ଞାନ ମେଳା, ସ୍ଥାନ: ମଞ୍ଜୁଳମଞ୍ଜରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନୂଆବଜାର, ସମୟ: ସକାଳ ୯ଟା।

## ସଂକ୍ଷେପରେ

### ପୂର୍ବଶତ୍ରୁତାରୁ ମାର୍‌ପିଟ୍: ୨ ଗିରଫ

**ବନ୍ତ, ୨୬।୭ (ସ୍ୱ.ପ୍ର.):** ବନ୍ତ ବ୍ଲକ ଆଗରପଡ଼ା ଥାନା ଅଧୀନ ଇଟୁଆ ଗ୍ରାମରେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ମାର୍‌ପିଟ୍ ଘଟଣାରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଗ୍ରାମର କାଳନ୍ଦୀ ବେହେରା ଓ ବାବାଜୀ ବେହେରା। ପୋଲିସ ସୂଚନା ଅନୁଯାୟୀ, ଗତ ବୁଧବାର ରାତିରେ ଉକ୍ତ ଗ୍ରାମର ରାଜେନ୍ଦ୍ର ବେହେରାଙ୍କ ସହିତ ଗ୍ରାମର କେତେକ ଲୋକଙ୍କର କୌଣସି କାରଣରୁ ବଚସା ହୋଇଥିଲା। ପରେ ସେମାନେ ତାଙ୍କୁ ଗଛରେ ବାନ୍ଧି ମାଡ଼ ମାରିଥିବା ତାଙ୍କ ସ୍ତ୍ରୀ ସୁଲୋଚନା ଥାନାରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗ କ୍ରମେ ଏକ ମାମଲା(ନଂ.୯/୧୯) ରୁଜୁ କରାଯାଇ କାଳନ୍ଦୀ ଓ ବାବାଜୀଙ୍କୁ ଗିରଫ କରାଯାଇଛି। ଅନ୍ୟପକ୍ଷେ ଗିରଫ ହୋଇଥିବା ବାବାଜୀଙ୍କ ସ୍ତ୍ରୀ ସଞ୍ଜୁଲତା ରାଜେନ୍ଦ୍ରଙ୍କ ନାମରେ ପାଲଟା ଅଭିଯୋଗ କରିଛନ୍ତି। ତାଙ୍କ ଏତଲା କ୍ରମେ ଥାନାରେ ଅନ୍ୟ ଏକ ମାମଲା(ନଂ.୯୪/୧୯) ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଛି।

### ତାଲୁକ ଆଇନ ସେବା ଶିବିର

**ଧାମନଗର, ୨୬।୭ (ଡି.ଏନ.ଏ.):** ଧାମନଗର ତାଲୁକ ଆଇନସେବା ପ୍ରାଧିକରଣ ପକ୍ଷରୁ ପଳିକିରି ଭଗବାନପୁର ହାଇସ୍କୁଲ ପରିସରରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଓକିଲ ସଂଘ ସମ୍ପାଦକ ଅଭିରାମ ମହାନ୍ତି ଏଥିରେ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଧାମନଗର କୋର୍ଟ ବିଚାରପତି ବିଷ୍ଣୁପ୍ରିୟା ସାମନ୍ତରାୟ ଯୋଗଦେଇ ବାଳ ଅପରାଧ ଆଇନ ଏବଂ ଶିକ୍ଷା ଅଧିକାର ପ୍ରଣୋଦିତ ଆଇନର ତର୍ଜମା କରି ଏହାର ସଦୁପଯୋଗ ପାଇଁ ପରାମର୍ଶ ଦେଇଥିଲେ। ଅତିଥି ପରିଚୟ ପ୍ରଦାନ କରିଥିଲେ ଓକିଲ ସ୍ନେହାଶିଷ ପଣ୍ଡା। ସରକାରୀ ଓକିଲ ବିଷ୍ଣୁମୋହନ ପତି, ଓକିଲ ଅଜିତ ଦାସ, ମିନତି ମଲ୍ଲିକ, ବାବା ହରେକୃଷ୍ଣ ସେଠୀ, ସନ୍ତୋଷ ତ୍ରିପାଠୀ ଓ ପ୍ରଧାନ ଶିକ୍ଷକ ଅଜୟ କୁମାର ନନ୍ଦ ପ୍ରମୁଖ ଶିବିରରେ ଯୋଗଦେଇ ସଚେତନ କରାଇଥିଲେ। ଶେଷରେ ନିରାକାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

### ଶିଶୁପୁତ୍ର ନିଖୋଜ

**ଭଣ୍ଡାରିପୋଖରୀ, ୨୬।୭ (ଡି.ଏନ.ଏ.):** ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ବନ୍ଦାଲୋ ମଡ଼ିଆଳି ପଞ୍ଚାୟତ ବନ୍ଦାଲୋ ଗ୍ରାମର ଜଗନ୍ନାଥ ରଣାଙ୍କ ୧୮ ମାସର ପୁଅ ଆଦିତ୍ୟ ଶୁକ୍ରବାର ଅପରାହ୍ନରେ ନିଖୋଜ ହୋଇଯାଇଛି। ସେ ଘର ପାଖରେ ଏକ କାଗଜରେ ଦୁଇଟି ବରା ଧରି ଖାଉଥିଲା। ଘର ନିକଟସ୍ଥ ବନ୍ଦାଲୋ ମିଶ୍ରସାହି ବୈତରଣୀ ନଦୀ ଘାଟ କୂଳରେ ଏକ କାଗଜରେ ଗୋଟିଏ ବରା ପଡ଼ିଥିବା ଲୋକେ ଦେଖିଥିଲେ। ପିଲାଟି ପାଣିରେ ପଡ଼ି ଯାଇଥିବା ସନ୍ଦେହ କରି ସେମାନେ ଭଣ୍ଡାରିପୋଖରୀ ଦମକଳକୁ ଖବର ଦେଇଥିଲେ। ରିପୋର୍ଟ ଲେଖାଯିବା ସୁଦ୍ଧା ଦମକଳ କର୍ମଚାରୀମାନେ ନଦୀରେ ଶିଶୁପୁତ୍ରକୁ ଖୋଜିବା ଜାରି ରଖିଥିଲେ। ଏ ନେଇ ଥାନାରେ ଅଭିଯୋଗ ହୋଇ ନ ଥିବା ଜଣାଯାଇଛି।

### ବରିଷ୍ଠ ନାଗରିକଙ୍କ ସମସ୍ୟା ନେଇ ଆଲୋଚନା

**ଚାନ୍ଦବାଲି, ୨୬।୭ (ଡି.ଏନ.ଏ.):** ଚାନ୍ଦବାଲି ବ୍ଲକ ମତୋ ପଞ୍ଚାୟତ ସଭାଗୃହରେ ଆଞ୍ଚଳିକ ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ବିଶେଷ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ସଭାପତି କମଳାକାନ୍ତ ମହାନ୍ତି ଅଧକ୍ଷତା କରିଥିଲେ। ପରିଷଦର ସଭ୍ୟାସଭ୍ୟ ସେମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଭଦ୍ରକ ଜିଲାରେ ଯୁକ୍ତ ୨ ବିଜ୍ଞାନରେ ଶ୍ରେଷ୍ଠତମ ଛାତ୍ରୀ ଶର୍ମିଷ୍ଠା ସାମଲଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ନିଜର ଏକାଗ୍ରତା ଓ ଅଧବସାୟ ଶର୍ମିଷ୍ଠାଙ୍କୁ ସଫଳତା ଦେଇଛି। ସେ ଭବିଷ୍ୟତରେ ରାଜ୍ୟରେ ଜଣେ ଶ୍ରେଷ୍ଠଛାତ୍ରୀ ହେବେ ବୋଲି ପରିଷଦର ସଭ୍ୟାସଭ୍ୟ ମତବ୍ୟକ୍ତ କରିଥିଲେ। ସାଧୁଚରଣ ନାୟକ, ଗୟାଧର ସାହୁ, ବ୍ରହ୍ମାନନ୍ଦ ପରିଡ଼ା, ନବଘନ ସାମଲ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ନରହରି ଦାସ, ଗୌରହରି ନାୟକ ଓ ସେକ୍ ହାଫିଜୁଲ୍ଲା ଉପସ୍ଥିତ ଥିଲେ।

# ଶିକ୍ଷାନୁଷ୍ଠାନ ମିଶ୍ରଣକୁ ବିରୋଧ



ଚମ୍ପାସାହି ସ୍କୁଲ ଆଗରେ ଗ୍ରାମବାସୀ ପ୍ରତିବାଦ କରୁଛନ୍ତି।

**ବିଦ୍ୟାଳୟରେ ତାଲା ପକାଇଲେ ଗ୍ରାମବାସୀ**

**ଆରଡ଼ି, ୨୬।୭ (ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ମଠଡିହ କ୍ଲଷ୍ଟର ଅଧୀନ ଚମ୍ପାସାହି ପ୍ରାଥମିକ ବିଦ୍ୟାଳୟ ଅନ୍ୟତ୍ର ମିଶ୍ରଣକୁ ବିରୋଧ କରାଯାଇଛି। ଏହାର ପ୍ରତିବାଦରେ ଶୁକ୍ରବାର ଗ୍ରାମବାସୀ ବିଦ୍ୟାଳୟକୁ ଯାଇ ତାଲା ପକାଇ ଦେଇଛନ୍ତି। ନିୟମାନୁସାରେ ଏହି ବିଦ୍ୟାଳୟରେ ଆବଶ୍ୟକ ଛାତ୍ରୀଛାତ୍ର ଥିବା ସତ୍ତ୍ୱେ ଏହାକୁ ଉପେକ୍ଷା କରି ୧ କି.ମି. ଦୂରରେ ଥିବା ପାରଡିଆ ପ୍ରାଥମିକ ବିଦ୍ୟାଳୟରେ ମିଶ୍ରଣ କରାଯାଉଥିବା ଅଭିଯୋଗ ହୋଇଛି। ଗାଁ ଲୋକେ ବିଦ୍ୟାଳୟରେ ତାଲା ପକାଇବା ସହ କାର୍ଯ୍ୟରତ ୨ ଶିକ୍ଷକଙ୍କୁ ପାରଡିଆ ପ୍ରାଥମିକ ବିଦ୍ୟାଳୟକୁ ଛାଡ଼ି ନ ଥିଲେ। ପ୍ରଶାସନ ଓ ଶିକ୍ଷା ବିଭାଗ ଏ ନେଇ ପୁନର୍ବିଚାର ନ କଲେ ଆଗାମୀ ଦିନରେ ସମୂହ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

ସୂଚନା ଅନୁସାରେ, ଗତବର୍ଷ ମଧ ବିଦ୍ୟାଳୟରେ ଆଶାନୁରୂପକ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ନ ଥିବା ଦର୍ଶାଇ ଏହି ପ୍ରକ୍ରିୟା ଜାରି ରଖିଥିଲା ଶିକ୍ଷା ବିଭାଗ। ସେତେବେଳେ ଗାଁ ଲୋକେ ଏହି ନିଷ୍ପତ୍ତିକୁ ବିରୋଧ କରିବା ସହ ସ୍ଥାନୀୟ ବିଧାୟକଙ୍କୁ ଭେଟିବା ପରେ ସମସ୍ୟାର ସମାଧାନ ହୋଇଥିଲା। ଉକ୍ତ ବିଦ୍ୟାଳୟରେ ଅଧୟନ ନିମନ୍ତେ ବ୍ଲକ ଶିକ୍ଷାଧିକାରୀଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ବିଦ୍ୟାଳୟର ସମସ୍ତ ରେକର୍ଡପତ୍ର କାର୍ଯ୍ୟ ପାରଡିଆ ପ୍ରାଥମିକ ବିଦ୍ୟାଳୟରେ ଚାଲିଥିବା ବେଳେ ଶିକ୍ଷାଦାନ ଓ ମଧ୍ୟାହ୍ନଭୋଜନ ପୂର୍ବପରି ଚମ୍ପାସାହି ପ୍ରାଥମିକ ବିଦ୍ୟାଳୟରେ ଚାଲିଥିଲା। ଏବେ ପୁଣି ବ୍ଲକ ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଚମ୍ପାସାହି ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଛାତ୍ରୀଛାତ୍ରଙ୍କୁ ସାଥୀରେ ଧରି ପାରଡିଆ ସ୍କୁଲକୁ ଯାଉଥିବା ଖବର ପାଇ ଅଭିଭାବକ ଓ ଗ୍ରାମବାସୀ ପହଞ୍ଚି ବିରୋଧ କରି ବିଦ୍ୟାଳୟରେ ତାଲା ପକାଇ ଦେଇଥିଲେ। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ପ୍ରଣୟ ନାୟକଙ୍କୁ ପଚାରିବାରୁ କହିଛନ୍ତି, ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ବିଦ୍ୟାଳୟକୁ ପାରଡିଆ ପ୍ରାଥମିକ ବିଦ୍ୟାଳୟ ସହ ମିଶ୍ରଣ କରାଯାଇଛି। ତାହାସହ ଛାତ୍ରୀଛାତ୍ରଙ୍କ ସୁରକ୍ଷିତ ଯାତାୟାତ ସକାଶେ ବାର୍ଷିକ ଅନୁଦାନ ଅଭିଭାବକମାନଙ୍କୁ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି।

# ଶିକ୍ଷକ ଅଭାବକୁ ନେଇ ଉତ୍ତେଜନା

**ଭଣ୍ଡାରିପୋଖରୀ, ୨୬।୭ (ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରିରୋଡ୍‌ସ୍ଥିତ ଗିରିଧାରୀ ପଣ୍ଡା ଉଚ୍ଚ ବିଦ୍ୟାପୀଠରେ ଶୁକ୍ରବାର ଶିକ୍ଷକ ସମସ୍ୟା ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଏହି ବିଦ୍ୟାଳୟର ଜଣେ ତାଲିମପ୍ରାପ୍ତ କଳା ଶିକ୍ଷକଙ୍କୁ ଡେପୁଟେଶନରେ ଅନ୍ୟ ବିଦ୍ୟାଳୟକୁ ପଠାଯାଇଛି। ଏହାର ପ୍ରତିବାଦ କରି ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଓ ଅଭିଭାବକମାନେ ଶୁକ୍ରବାର ବିଦ୍ୟାଳୟ ଖୋଲିବା ପୂର୍ବରୁ ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ। ବିଦ୍ୟାଳୟରେ ୬ଟି ଶିକ୍ଷକ ପଦବୀ ଖାଲି ପଡ଼ିଥିବା ବେଳେ ଶିକ୍ଷକ ସନାତନ ଖଣ୍ଡାଇଙ୍କୁ ବନ୍ଦାଲୋ ମଡିଆଳି ଉଚ୍ଚ ବିଦ୍ୟାପୀଠକୁ ଗୁରୁବାରଠାରୁ ଡେପୁଟେଶନରେ ପଠାଯାଇଛି। ଏହି ଖବର ଜାଣିବା ପରେ ପରିଚାଳନା କମିଟି ସଦସ୍ୟ ଓ ଅଭିଭାବକ ଏଭଳି ପଦକ୍ଷେପ ନେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଶିକ୍ଷକମାନେ ସେମାନଙ୍କୁ ବୁଝାଶୁଝା କରିଥିଲେ। ଶିକ୍ଷକଙ୍କ ଡେପୁଟେଶନ ବାତିଲ୍ ସହ ବିଦ୍ୟାଳୟର ଅନ୍ୟ ସମସ୍ୟା ସମ୍ପର୍କରେ ଆସନ୍ତା ସୋମବାର ଜିଲା ଶିକ୍ଷାଧିକାରୀଙ୍କ ସହ ଆଲୋଚନା ପାଇଁ ଦିନ ଧାର୍ଯ୍ୟ ହୋଇଥିବା ଜଣାଯାଇଛି। ଏହାପରେ ବିଦ୍ୟାଳୟର ଫାଟକରୁ ତାଲା ଖୋଲାଯାଇଥିଲା।



ବିଦ୍ୟାଳୟ ଫାଟକରେ ତାଲା ପଡ଼ିଥିବାରୁ ଛାତ୍ରୀଛାତ୍ର ବାହାରେ ଅଛନ୍ତି।

# ୧୫୪ ସ୍କୁଲରେ ନାହିଁ ପାଚେରି

**ବନ୍ତ, ୨୬।୭ (ଡି.ଏନ.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକରେ ଅନେକ ବିଦ୍ୟାଳୟ ଅସୁରକ୍ଷିତ ପରିବେଶ ମଧ୍ୟରେ ଚାଲିଛି। ବ୍ଲକ ଅଧୀନ ୧୫୪ ବିଦ୍ୟାଳୟରେ ପାଚେରି ନ ଥିବା ଜଣାଯାଇଛି। ଏଥିଯୋଗୁ ସ୍କୁଲଗୁଡ଼ିକରେ ନାନା ସମସ୍ୟା ସୃଷ୍ଟି ହେଉଛି। ବିଭିନ୍ନ ବିଦ୍ୟାଳୟରେ ପାଚେରି ନ ଥିବା କାରଣରୁ ଗାଈଗୋରୁଙ୍କର ଅବାଧ ପ୍ରବେଶ ସାଙ୍ଗକୁ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳ ପାଲଟିଛି। ଏହାକୁ ନେଇ ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।



ବନ୍ତ ବ୍ଲକରେ ପାଚେରି ନ ଥିବା ଏକ ସ୍କୁଲ।

ପିଲାମାନେ ଅସୁରକ୍ଷିତ ଅବସ୍ଥାରେ ପାଠ ପଢୁଥିବା ବେଳେ ପ୍ରଶାସନର ଏଥିପ୍ରତି ନଜର ନାହିଁ। କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି।

ପ୍ରକାଶ ଯେ, ପୂର୍ବରୁ ସର୍ବଶିକ୍ଷା ଅଭିଯାନ ଓ ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ବିଭିନ୍ନ ବିଦ୍ୟାଳୟରେ ପାଚେରି ନିର୍ମାଣ ହେଉଥିଲା। ଗତ ବର୍ଷଠାରୁ ରାଜ୍ୟ ସରକାର ବିଦ୍ୟାଳୟର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ପଞ୍ଚାୟତିରାଜ ବିଭାଗକୁ ଦାୟିତ୍ୱ ଦେଇଛନ୍ତି। ସେହି ଅନୁସାରେ ପ୍ରତ୍ୟେକ ପଞ୍ଚାୟତକୁ ଏହି ଦାୟିତ୍ୱ ଦିଆଯାଇଛି। ଏହି ବ୍ଲକର ବିଭିନ୍ନ ପଞ୍ଚାୟତ ଅଧୀନରେ ଥିବା ବିଦ୍ୟାଳୟଗୁଡ଼ିକରେ ପାଚେରି ନ ଥିବାବେଳେ ପଞ୍ଚାୟତ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ବାସନ୍ତୀ କୁମାରୀ ମିଶ୍ରଙ୍କୁ ପଚାରିବାରୁ ପାଚେରି ନ ଥିବା ବିଦ୍ୟାଳୟଗୁଡ଼ିକର ତାଲିକା ବିଡିଓଙ୍କୁ ପ୍ରଦାନ କରାଯାଇଛି। ସେ ସମସ୍ତ କାର୍ଯ୍ୟ ପଞ୍ଚାୟତ କରିବ ବୋଲି କହିଛନ୍ତି।

## ବୃକ୍ଷରୋପଣ ସଚେତନତା ଶୋଭାଯାତ୍ରା

# 'ପରିବେଶ ସୁରକ୍ଷା ଆମର ଗୁରୁଦାୟିତ୍ୱ'



ବୃକ୍ଷରୋପଣ ପାଇଁ ଚାରା ବଣ୍ଟନ କରାଯାଉଛି।

**ଭଦ୍ରକ ଅଫିସ, ୨୬।୭**

ଭଦ୍ରକ ଜିଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଅଧକ୍ଷ ତଥା ଜିଲା ଦୌରାଜଜ୍ ଶୋଭନ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ବାଗୁରାଇସ୍ଥିତ ବିଏମ୍ ହାଇସ୍କୁଲରେ ସାମୂହିକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବୃକ୍ଷରୋପଣ ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଶୋଭାଯାତ୍ରା କରାଯାଇଥିଲା। ଭଦ୍ରକ କୋର୍ଟରୁ ଶୋଭାଯାତ୍ରା ବାହାରି ବାଗୁରାଇ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଆଇନସେବା ପ୍ରାଧିକରଣ ଅଧକ୍ଷ ତଥା ଜିଲା ଦୌରାଜଜ୍ ଦାଶ ବୃକ୍ଷ ହିଁ ଜୀବନ, ପରିବେଶ ସୁରକ୍ଷା ଆମର ଗୁରୁଦାୟିତ୍ୱ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିବାର ଅଦାଲତର ନ୍ୟାୟାଧୀଶ ସଞ୍ଜୀବ ଦୁବେ, ଅତିରିକ୍ତ ଜିଲା ଦୌରାଜଜ୍ ପ୍ରଣତି ସାହା, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଅମିୟ ରଞ୍ଜନ ଜେନା, ବରିଷ୍ଠ ଦେୱାନୀ ବିଚାରପତି ଶୁଭଞ୍ଜନ ମହାନ୍ତି, ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ଲୋପାମୁଦ୍ରା ମଲ୍ଲ, ରେଜିଷ୍ଟ୍ରାର ଜନକ ରାଉତ, ଜିଲା ଆଇନସେବା ପ୍ରାଧିକରଣ ସଚିବ ଅପର୍ଣ୍ଣା ମହାପାତ୍ର, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଶୁଭଗୌତମ ମିଶ୍ର, କନିଷ୍ଠ ଦେୱାନୀ ବିଚାରପତି ପ୍ରିୟରଞ୍ଜନ ଓଝା, ଜେଏମ୍ଏଫ୍‌ସି ବିବେକ ସାସ୍‌ମଲ ଏବଂ କୋର୍ଟ ମ୍ୟାନେଜର ମାନସ କୁମାର ରଥ ପ୍ରମୁଖ ଯୋଗ ଦେଇଥିଲେ। ସେମାନେ ବୃକ୍ଷରୋପଣ କରିବା ସହ ଚାରା ବଣ୍ଟନ କରିଥିଲେ। ଛାତ୍ରୀଛାତ୍ରଙ୍କ ମନରେ ବୃକ୍ଷରୋପଣ ନେଇ ସଚେତନତା ସୃଷ୍ଟି କରାଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ବନ ବିଭାଗର କର୍ମକର୍ତ୍ତା। ଭଦ୍ରକର ବିଭିନ୍ନ କୋର୍ଟର କର୍ମଚାରୀ, ପାରାଲିଗାଲ ସ୍ୱେଚ୍ଛାସେବୀ, ପାରାଲିଗାଲ୍ ଆଇନଜୀବୀ ପ୍ରମୁଖ ଉପସ୍ଥିତ ଥିଲେ।

# ତିହିଡ଼ିରେ କୋର୍ଟ ପାଇଁ ଚିହ୍ନଟ ହୋଇପାରୁନି ଜମି

**ତିହିଡ଼ି, ୨୬।୭(ଡି.ଏନ.ଏ.)**

ଭଦ୍ରକ ଜିଲା ତିହିଡ଼ି ବ୍ଲକରେ ଅତିରିକ୍ତ ଜେଏମ୍ଏଫ୍‌ସି କୋର୍ଟ ସହ ଅତିରିକ୍ତ ସିଭିଲ ଜଜ୍ କୋର୍ଟ ସ୍ଥାପନ ପାଇଁ ସ୍ଥିର ହୋଇଥିଲା। ମାତ୍ର ଏଥିନିମନ୍ତେ ଜମି ଚିହ୍ନଟ ହୋଇପାରୁ ନ ଥିବା ନେଇ ତିହିଡ଼ି ଓକିଲ ସଂଘର କର୍ମକର୍ତ୍ତାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସଂଘ ପକ୍ଷରୁ ଏ ସମ୍ପର୍କରେ ପୁନର୍ବାର ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରାଯାଇଛି।

ଉଲ୍ଲେଖନୀୟ ଯେ, ଗତ ଜାନୁୟାରୀ ୧୯ ତାରିଖରେ ଓକିଲ ସଂଘ ପକ୍ଷରୁ ଏ ନେଇ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବା ସହ ୧୫ ଦିନ ମଧ୍ୟରେ ପଦକ୍ଷେପ ନେବାକୁ ଦାବି ଜଣାଇଥିଲେ। ଏହାପରେ କୋର୍ଟ ପ୍ରତିଷ୍ଠା ପାଇଁ ସରକାରୀ ଜମି ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏପରିକି ସରକାରୀ ଜମି ନ ମିଳିଲେ ଘରୋଇ ଜମି ଚିହ୍ନଟ କରି କ୍ରୟ କରିବା ଏବଂ ଆବଶ୍ୟକ ପଡ଼ିଲେ ଭଡ଼ାଘରେ କୋର୍ଟ ଚଳାଇବା ଲାଗି ହାଇକୋର୍ଟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ପ୍ରଶାସନ ପକ୍ଷରୁ କୌଣସି ରିପୋର୍ଟ ପ୍ରଦାନ କରାଯାଇ ନ ଥିବାରୁ ଏପରି ବିଳମ୍ବ ହୋଇଥିବା ଜଣାଯାଇଛି। ଜିଲାର ଅନ୍ୟ ବ୍ଲକଗୁଡ଼ିକରେ ଏହି କୋର୍ଟ ସ୍ଥାପନ ହୋଇଥିବାବେଳେ ତିହିଡ଼ିରେ ହୋଇପାରି ନାହିଁ। ଫଳରେ ବ୍ଲକର ସର୍ବାଧିକ ମାମଲା ଜିଲା କୋର୍ଟରେ ବିଚାର ନ ହୋଇ ପଡ଼ିରହିଛି। ୨୦୧୭ ମସିହା ଜାନୁୟାରୀ ମାସ ପର୍ଯ୍ୟନ୍ତ ଜୁନିୟର ଡିଭିଜନରେ ୪୫୩ଟି ସିଭିଲ୍ ଏବଂ ୨୬୨୬ ଫୌଜଦାରି ମାମଲା ବିଚାରାଧୀନ ରହିଛି। ଏଥିଯୋଗୁ ତିହିଡ଼ି ଅଞ୍ଚଳବାସୀ ଅସୁବିଧା ଭୋଗୁଛନ୍ତି। ନାନା ସମସ୍ୟାର ସମ୍ମୁଖୀନ ହେଉଥିବା କୁହାଯାଇଛି। ଏହି ପରିପ୍ରେକ୍ଷୀରେ ତୁରନ୍ତ ଜମି ଚିହ୍ନଟ କରି କୋର୍ଟ ପ୍ରତିଷ୍ଠା କରାଯିବା ଲାଗି ସଂଘର ସଭାପତି ସୂର୍ଯ୍ୟରଞ୍ଜନ ମିଶ୍ର, ଉପସଭାପତି ମନୋରଞ୍ଜନ ଦାସ, ସମ୍ପାଦକ ବିଷ୍ଣୁଚରଣ ଦାସ, ସହସମ୍ପାଦକ ଗୌରହରି ମହାନ୍ତି ଓ କୋଷାଧକ୍ଷ ତପନ ମିଶ୍ର ପ୍ରମୁଖ ଦାବି କରିଛନ୍ତି।

# ବସ୍‌ଷ୍ଟାଣ୍ଡ ନାହିଁ, ରାସ୍ତାରେ ଅଟକୁଛି ବସ୍



ଆଗରପଡ଼ା ବଜାର ରାସ୍ତାରେ ଠିଆ ହୋଇଛି ଯାତ୍ରୀବାହୀ ବସ୍।

**ବନ୍ତ, ୨୬।୭(ସ୍ୱ.ପ୍ର.)**

ଭଦ୍ରକ ଜିଲାର ଅନ୍ୟତମ ପ୍ରମୁଖ ବଜାର ଆଗରପଡ଼ାଠାରେ ସ୍ଥାୟୀ ବସ୍‌ଷ୍ଟାଣ୍ଡ, ବିଶ୍ରାମାଗାର ଓ ଶୌଚାଳୟ ନିର୍ମାଣ ହୋଇପାରୁନାହିଁ। ନବଉତ୍କଳର ନିର୍ମାତା ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ଭଳି ମହାପୁରୁଷଙ୍କ ଜନ୍ମସ୍ଥାନ ହୋଇଥିଲେ ସୁଦ୍ଧା ଏଠାକାର ସମସ୍ୟାକୁ ଦୂର କରିବା ପାଇଁ କାହାରି ଆନ୍ତରିକତା ନ ଥିବା ଅଭିଯୋଗ ହେଉଛି। ଏଠାରେ ୨ଟି ମହାବିଦ୍ୟାଳୟ, ବିଏଡ୍ କଲେଜ, ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ୨ଟି ଉଚ୍ଚ ବିଦ୍ୟାଳୟ ସମେତ ବହୁ ପୁରାତନ ଶିକ୍ଷାନୁଷ୍ଠାନ ରହିଛି। ବ୍ଲକର ଏକମାତ୍ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଗରପଡ଼ାରେ ରହିଥିବାବେଳେ ପ୍ରତିଦିନ ଶତାଧିକ ରୋଗୀ ଚିକିତ୍ସା ପାଇଁ ଏଠାକୁ ଆସିଥାନ୍ତି। ୩ଟି ଜିଲାକୁ ସଂଯୋଗ କରୁଥିବା ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳୀ ଆଗରପଡ଼ା ଦେଇ ଅନେକ ଯାତ୍ରୀବାହୀ ବସ୍ ଚଳାଚଳ କରୁଥିଲେ ମଧ ଶୌଚାଳୟ, ବସ୍‌ଷ୍ଟାଣ୍ଡ ଓ ଯାତ୍ରୀ ବିଶ୍ରାମାଗାର ନିର୍ମାଣ ପ୍ରତି ଗୁରୁତ୍ୱ ଦିଆଯାଉ ନାହିଁ। ବସ୍‌ଷ୍ଟାଣ୍ଡ ନ ଥିବା ଯୋଗୁ ଯାତ୍ରୀବାହୀ ବସ୍‌ଗୁଡ଼ିକ ରାସ୍ତା ଉପରେ ଠିଆ ହେଉଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଏପରିକି ଅନେକ ସମୟରେ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ବିଶ୍ରାମାଗାର ନ ଥିବାରୁ ଯାତ୍ରୀମାନଙ୍କୁ ବସ୍ ଅପେକ୍ଷାରେ ରହିବା ପାଇଁ ସମସ୍ୟା ହୋଇଥାଏ। ପୋଲିସ ସ୍ଥାନୀୟ ଜନପ୍ରତିନିଧିଙ୍କ ସହାୟତାରେ ବଜାର ମୁଖ୍ୟ ଛକରୁ ମାଛ ଦୋକାନ ଓ ଅଟୋଷ୍ଟାଣ୍ଡ ସ୍ଥାନାନ୍ତର କରାଇଥିଲେ ମଧ ଏ ପର୍ଯ୍ୟନ୍ତ ଶୌଚାଳୟ ନିର୍ମାଣ ହୋଇପାରି ନାହିଁ। ପ୍ରଶାସନ ପକ୍ଷରୁ ଏ ସମସ୍ତ ସମସ୍ୟା ପ୍ରତି ଦୃଷ୍ଟି ଦେଇ ତୁରନ୍ତ ପ୍ରତିକାର କରାଯିବାକୁ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଦାବି କରାଯାଇଛି।

## କାର୍‌ଗିଲ ବିଜୟ ଦିବସ

# ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି

**ଭଦ୍ରକ ଅଫିସ, ୨୬।୭**

ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ ପରିସରରେ କାର୍‌ଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋଲଖ ଚନ୍ଦ୍ର ବେହେରା ଅଧକ୍ଷତା କରିଥିଲେ। ଏହି ସ୍ମରଣୀୟ ଦିବସରେ ଜିଲାପାଳ ଜ୍ଞାନରଞ୍ଜନ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍‌ଗିଲ ଯୁଦ୍ଧରେ ଶହୀଦ ହୋଇଥିବା ଭଦ୍ରକ ମାଟିର ଲଢୁଆ ବୀର ଯବାନ ନିରଞ୍ଜନ ବେହେରାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର ଓ ଅବସରପ୍ରାପ୍ତ ସୈନିକ ସଂଘର ସଭାପତି ରୋହିତ କୁମାର ରାୟ କାର୍‌ଗିଲ ଯୁଦ୍ଧରେ ଶହୀଦ ଅମର ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଏହି ଯୁଦ୍ଧରେ ଭାରତର ଐତିହାସିକ ବିଜୟ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଚିରସ୍ମରଣୀୟ ବୋଲି ବକ୍ତବ୍ୟ ରଖିଥିଲେ। ଅବସରପ୍ରାପ୍ତ ବର୍ଷିୟାନ ସୈନିକ ନାରାୟଣ ଚନ୍ଦ୍ର ଦାସଙ୍କ ସହ ବହୁ ବୁଦ୍ଧିଜୀବୀ ଓ ଅବସରପ୍ରାପ୍ତ ସୈନିକ ସଂଘର କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲାପାଳ ଜ୍ଞାନରଞ୍ଜନ ଦାସ ଓ ଅନ୍ୟମାନେ।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା

# ଘର ତିଆରି ସରିଛି, ମିଳୁନି ବିଲ୍

**ତିହିଡ଼ି, ୨୬।୭ (ଡି.ଏନ.ଏ.)**

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ତିଆରି ସରିଛି। ହେଲେ ବିଲ୍ ମିଳୁନି। ଏଭଳି ଅଭିଯୋଗ ନେଇ ତିହିଡ଼ି ବ୍ଲକ ନରେନ୍ଦ୍ରପୁର ପଞ୍ଚାୟତ ଅଧୀନ ନଛିବିନ୍ଧା ଗ୍ରାମର ଦିବ୍ୟାଙ୍ଗ ଗଙ୍ଗାଧର ସାହୁ ଶୁକ୍ରବାର ବିଡିଓଙ୍କୁ ଭେଟି ଜଣାଇଥିଲେ। ଏ ନେଇ ପୂର୍ବରୁ ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ କୌଣସି ସୁଫଳ ମିଳିପାରି ନାହିଁ ବୋଲି ସେ ଅଭିଯୋଗ କରିଥିଲେ।

ଗଙ୍ଗାଧର କହିଛନ୍ତି ଯେ, ସ୍ତ୍ରୀ, ୨ ପୁଅ ଓ ବୋହୂଙ୍କୁ ନେଇ ତାଙ୍କ ପରିବାର। ଭିକ୍ଷାବୃତ୍ତି କରି ସେ ପରିବାର ପ୍ରତିପୋଷଣ କରନ୍ତି। ବଡ଼ପୁଅ ବିବାହିତ। ରୋଜଗାରର କୌଣସି ମାଧମ ନ ଥିବାରୁ ସେ ବାହାର ରାଜ୍ୟକୁ ଯାଇ ଦାଦନ ଶ୍ରମିକ ଭାବେ କାମ କରୁଛନ୍ତି।



ବିଡିଓଙ୍କୁ ଭେଟିବାକୁ ଆସିଥିବା ଦିବ୍ୟାଙ୍ଗ ଗଙ୍ଗାଧର।

ଜମିଜମା ନ ଥିବାବେଳେ ସେ ପାଉଥିବା ଭତ୍ତା ଟଙ୍କା ହିଁ ଭରସା। ତେବେ ଦୁଇବର୍ଷ ପୂର୍ବେ ଏହି ଯୋଜନାରେ ଘର ତିଆରି କରିବାକୁ ବ୍ଲକ ଅଫିସ୍‌ର ଜଣେ କର୍ମଚାରୀ ତାଙ୍କୁ କହିଥିଲେ। ଘର ତିଆରି କଲେ ବିଲ୍ ମିଳିବ ବୋଲି କର୍ମଚାରୀ ଜଣଙ୍କ ପ୍ରତିଶ୍ରୁତି ଦେଇଥିଲେ। ସେ ସଞ୍ଚିତ କରି ରଖିଥିବା ଟଙ୍କା ଏବଂ ହାତ ଉଧାରି କରି ଘର ନିର୍ମାଣ ଆରମ୍ଭ କରିଥିଲେ। ଏହାମଧ୍ୟରେ ସେ ଘରର ଛାତ ମଧ ପକାଇ ସାରିଛନ୍ତି। ମାତ୍ର ତାଙ୍କୁ ଅଦ୍ୟାବଧି ପ୍ରଧାନମନ୍ତ୍ରୀ ଆବାସ ବାବଦ ବିଲ୍ ପ୍ରଦାନ କରାଯାଉ ନାହିଁ। ହାତ ଉଧାରି ଦେଇଥିବା ଲୋକେ ବାରମ୍ବାର ତାଗିଦ୍ କରୁଥିବାରୁ ଏହା ତାଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି। ତାଙ୍କୁ ବିଲ୍ ପ୍ରଦାନ କରିବାକୁ ସେ ବିଡିଓଙ୍କୁ ନିବେଦନ କରିଛନ୍ତି। ବିଡିଓ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ ତଦନ୍ତ ପରେ ଯାହା ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ଅଶାନ୍ତ ବାଲିଆପାଳ



ବାଲେଶ୍ୱର ଜିଲା ବାଲିଆପାଳ ଇଡକୋ ଛକସ୍ଥିତ ଡାବାରୁ ନାବାଳକଙ୍କ ମୃତଦେହ ଶୁକ୍ରବାର ମିଳିବା ପରେ ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରି ପୋଡ଼ାଜଳା କରୁଛନ୍ତି।



ବାଲେଶ୍ୱର ଏସ୍‌ପି ବି. ଯୁଗଳକିଶୋରଙ୍କ ସହ ଅନ୍ୟ ପୋଲିସ ଅଧିକାରୀମାନେ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରୁଛନ୍ତି।



ଉତ୍ତ୍ୟକ୍ତ ଲୋକଙ୍କ ଆକ୍ରମଣରେ ଆହତ ପୋଲିସ କର୍ମଚାରୀ।

## କ୍ରଶର ୟୁନିଟ୍‌ରେ ଚଢ଼ାଉ

ସୋର, ୨୬।୭(ଡି.ଏନ୍‌ଏ)

ବାଲେଶ୍ୱର ଜିଲା ସୋର ବାଗୁଡି ରାସ୍ତା ପାର୍ଶ୍ୱରେ ଥିବା ନନ୍ଦୀଘୋଷ ନାମରେ ଥିବା କ୍ରଶର ୟୁନିଟ୍ ପରିବେଶ ନିୟନ୍ତ୍ରଣ ନେଇ କୌଣସି ଆବଶ୍ୟକ ଅନୁମତି ନ ପାଇ ଦୀର୍ଘବର୍ଷ ଧରି ବେଆଇନ୍‌ଭାବେ ଚାଲୁଥିଲା ବେଳେ ଶୁକ୍ରବାର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଚଢାଉ କରାଯାଇଥିଲା। ଏଥିସହ କ୍ରସର ୟୁନିଟ୍‌ର ଯନ୍ତ୍ରାଂଶ ସିଲ କରାଯାଇଥିଲା। ଏଥିରେ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ସୋର ତହସିଲଦାର ଦେବୀ ପ୍ରସାଦ ଦାଶ, ମଙ୍ଗଳପୁର ସର୍କଲ ରାଜସ୍ୱ ନୀରିକ୍ଷକ ଶ୍ୟାମ ସୁନ୍ଦର ମାରାଣ୍ଡି ଓ ସୋର ଥାନା ଏଏସ୍‌ଆଇ ମଧୁସୁଦନ ଦତ୍ତଙ୍କ ସହ ପୁଲିସ ଉପସ୍ଥିତ ଥିଲେ।

## ରେଳଧାରଣା କଡ଼ରୁ ଅଚିହ୍ନା ମୃତଦେହ ଉଦ୍ଧାର

**ବାହାନଗା,୨୬।୭(ଡି.ଏନ.ଏ.):** ବାହାନଗା ବ୍ଲକ ପଣପଣା ପାସେଞ୍ଜର ହଲ୍ଟ ନିକଟସ୍ଥ ରେଳଧାରଣା କଡ଼ରୁ ଶୁକ୍ରବାର ଅପରାହ୍ନରେ ଜଣେ ଅଚିହ୍ନା ବୃଦ୍ଧଙ୍କ ଶବ ଉଦ୍ଧାର କରାଯାଇଛି। ତାଙ୍କ ବୟସ ୮୦ ହେବ। ବୃଦ୍ଧ ଜଣକ ପୂର୍ବପଟ ରେଳଧାରଣାକଡ଼ ନୟନଯୋରୀ ଭିତରେ ପଡିଥିଲେ। ସେ ଅଞ୍ଚଳର କେତେକ ଲୋକ ପ୍ରଥମେ ଶବ ଦେଖି ଖନ୍ତାପଡ଼ା ଥାନା ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚିଥିଲେ ମଧ୍ୟ ତାହା ରେଲୱେ ପୋଲିସ ଅଧିନରେ ଆସୁଥିବାରୁ ସେମାନେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ଜିଆରପିଏଫ୍ ପୋଲିସକୁ ଖବର ଦେଇଛନ୍ତି। କୌଣସି ଟ୍ରେନ୍‌ରୁ ଡେଇଁ ପଡିଛନ୍ତି ନା ତାଙ୍କୁ କେହି ଚଳନ୍ତା ଟ୍ରେନ୍‌ରୁ ତଳକୁ ଠେଲି ଦେଇଛନ୍ତି ଏହା ସାଧାରଣରେ ପ୍ରଶ୍ନ ଉଠୁଛି। ତେବେ ବୃଦ୍ଧଙ୍କ ମୃତଦେହରେ କୌଣସି ଲୁଗା ନ ଥିବା ଦେଖାଯାଇଛି। ଜିଆରପିଏଫ ପୋଲିସ ତଦନ୍ତ କଲେ ଜଣାପଡ଼ିବ ବୋଲି ପୋଲିସ କହିଛି।

## ଦିଲ୍ଲୀରୁ ଗହଣା ଚୋରି: ୨ ଗିରଫ

**ସୋର, ୨୬।୭(ଡି.ଏନ.ଏ.):** ଦିଲ୍ଲୀରୁ ଲକ୍ଷାଧିକ ଟଙ୍କାର ସୁନା ଗହଣା ଚୋରି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ସୋର ଥାନା ରଘୁନାଥପୁର ଗ୍ରାମର କରୁଣାକର ଦାସଙ୍କୁ ସୋର ପୋଲିସ ଗିରଫ କରି ଦିଲ୍ଲୀ ପୋଲିସକୁ ହସ୍ତାନ୍ତର କରିଥିଲା। ବାଲେଶ୍ୱର ଷ୍ଟେଶନରୁ ଦିଲ୍ଲୀ ପୋଲିସକୁ ଚକମା ଦେଖାଇ କରୁଣାକର ଖସି ପଳାଇବାରେ ସକ୍ଷମ ହୋଇଥିଲେ। ଏବେ ଏହି ଘଟଣାରେ ସୋର ପୋଲିସ ସହାୟତାରେ ଦିଲ୍ଲୀ ପୋଲିସ ଏକ ୫ ଜଣିଆ ଟିମ୍ ଅନ୍ୟ ୨ ଅଭିଯୁକ୍ତଙ୍କୁ ଗୁରୁବାର ରାତିରେ ଗିରଫ କରିଛି। ରଘୁନାଥପୁର ଗ୍ରାମର ଗୌରାଙ୍ଗ ମଲ୍ଲିକ ଓ ଶ୍ରୀଧର ମଲ୍ଲିକଙ୍କୁ ଚାନ୍ଦିପୁର ଓ ସୋର ଦାଣ୍ଡପଳସାରୁ ଗିରଫ କରାଯାଇଛି। ଏବେ ଏହି ଦୁଇ ଜଣଙ୍କୁ ଦିଲ୍ଲୀ ପୋଲିସ ସୋର ଥାନାରେ ଅଟକ ରଖି ପଚରାଉଚରା କରୁଛି। ଶନିବାରୀ ଅଭିଯୁକ୍ତଦ୍ୱୟଙ୍କୁ ବାଲେଶ୍ୱର କୋର୍ଟରେ ହାଜର କରାଯିବା ପରେ ଦିଲ୍ଲୀ ନିଆଯିବ ବୋଲି ସୂଚନା ମିଳିଛି।

## ସଂକ୍ଷେପରେ

### ସମୁଦ୍ରରୁ ମତ୍ସ୍ୟଜୀବୀଙ୍କ ମୃତଦେହ ଉଦ୍ଧାର

**ରୁପ୍‌ସା, ୨୬।୭(ଡି.ଏନ.ଏ.):** ବାଲେଶ୍ୱର ସଦର ବ୍ଲକ ବାହାବଳପୁର ସାମୁଦ୍ରିକ ଥାନା ସମୁଦ୍ରରୁ ବୁଧବାରଠାରୁ ନିଖୋଜ ଥିବା କଷାଫଳ ଗ୍ରାମର ମତ୍ସ୍ୟଜୀବୀ ପଞ୍ଚାନନ ଦଳେଇଙ୍କ ମୃତଦେହକୁ ଶୁକ୍ରବାର ଉଦ୍ଧାର କରାଯାଇଛି। ବାଲିଆପାଳର ଡଗରା ବେଳାଭୂମିରେ ସକାଳେ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ବୁଧବାର ମାଛ ମାରି ଫେରୁଥିବାବେଳେ ଏକ ଦେଶୀ ଡଙ୍ଗା ସମୁଦ୍ର ଭିତରେ ବୁଡ଼ି ଯାଇଥିଲା। ସେଥିରେ ଥିବା ମାଝିଙ୍କ ସମେତ ୪ଜଣ ମତ୍ସ୍ୟଜୀବୀ କଷାଫଳ ଅଞ୍ଚଳର ପଞ୍ଚାନନ ଦଳେଇ, କମଳାକାନ୍ତ ମୈକାପ, ଗୁଣନିଧି ପାତ୍ର ଓ ଜନ୍ମେଜୟ ଗୋଛାୟତ ସମୁଦ୍ରରେ ବୁଡ଼ି ଯାଇଥିଲେ। ଖବରପାଇ ସାମୁଦ୍ରିକ ଥାନା ପୋଲିସ ପକ୍ଷରୁ ଏକ ଉଦ୍ଧାରକାରୀ ଟିମ୍ ସ୍ପିଡ଼ ବୋଟ୍ ଯୋଗେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଉକ୍ତ ଟିମ୍ ୩ଜଣଙ୍କୁ ଉଦ୍ଧାର କରିବାରେ ସମର୍ଥ ହୋଇଥିବା ବେଳେ ମତ୍ସ୍ୟଜୀବୀ ପଞ୍ଚାନନ ଦଳେଇ ନିଖୋଜ ଥିଲେ। ୨ଦିନ ପରେ ତାଙ୍କ ମୃତଦେହ ଡଗରା ବେଳାଭୂମି ନିକଟ ସମୁଦ୍ରରେ ଭାସୁଥିବା ଖବରପାଇ ପୋଲିସ ପହଞ୍ଚି ଉଦ୍ଧାର କରିଛି।

### ଅଙ୍ଗନୱାଡ଼ି କେନ୍ଦ୍ର ଶିଳାନ୍ୟାସ



**ବାଲେଶ୍ୱର ଅଫିସ, ୨୬।୭:** ବାଲେଶ୍ୱର ସଦର ବିଧାୟକ ମଦନମୋହନ ଦତ୍ତ ଶୁକ୍ରବାର ବାଲେଶ୍ୱର ସହରର ୨୦ ନମ୍ବର ୱାର୍ଡ଼ ଅନ୍ତର୍ଗତ ଶୋଭାରାମପୁରଠାରେ ଟାଇଲ ବସା ଅଞ୍ଚଳରେ ଏକ ନୂତନ ଅଙ୍ଗନୱାଡ଼ି କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ବହୁ ଦିନରୁ ଉକ୍ତ ଅଞ୍ଚଳରେ ଏହି ଗୃହ ପାଇଁ ଦାବି ହୋଇଆସୁଥିବା ବେଳେ ଶୁକ୍ରବାର ଉକ୍ତ କେନ୍ଦ୍ର ପାଇଁ ବିଧାୟକ ଦତ୍ତ ଶିଳାନ୍ୟାସ କରିଥିବାରୁ ଅଞ୍ଚଳବାସୀଙ୍କ ତରଫରୁ ସାଧୁବାଦ ଜ୍ଞାପନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଭାଜପା ନଗର ସଭାପତି ସୀତାକାନ୍ତ ସ୍ୱାଇଁ, ଶଶିଶେଖର ମହାନ୍ତି, ହୃଷୀକେଶ ପାତ୍ର, ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଶୈଳେନ୍ଦ୍ର ନନ୍ଦ, ଅନୁପ ମାଝୀ, ସେକ ହଲିମ ଓ ବିନୋଦ ବିହାରୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଅଣବ୍ୟାଙ୍କିଙ୍ଗ ସଂସ୍ଥାରୁ ଟଙ୍କା ହେରଫେର ଅଭିଯୋଗ

ବାଲେଶ୍ୱର ଅଫିସ,୨୬।୭

ବାଲେଶ୍ୱର ସଦର ଥାନା କୁରୁଡ଼ା ସ୍ୱାତୀନଗରରେ ସାଟିନ କ୍ରେଡିଟ୍ କେୟାର ନେଟ୍‌ୱାର୍କ ଲିମିଟେଡ୍, ହରିୟାନା ରାଜ୍ୟର ଅଣବ୍ୟାଙ୍କିଙ୍ଗ୍ ସଂସ୍ଥା ଦେଢ଼ବର୍ଷ ଧରି କାର୍ଯ୍ୟ କରିଆସୁଛି। ଉକ୍ତ ସଂସ୍ଥାର କର୍ମଚାରୀ ୮ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେରଫେର କରିଥିବାର ଶୁକ୍ରବାର ପୂର୍ବାହ୍ନରେ ସଦର ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ ଏହାର ତଦନ୍ତ ଆରମ୍ଭ କରିଛି। ଜିଲାରେ ବିଭିନ୍ନ ଅଣବ୍ୟାଙ୍କିଙ୍ଗ୍ ସଂସ୍ଥା ପ୍ରଶାସନର ବିନା ଅନୁମତିରେ କାର୍ଯ୍ୟ କରି କେତେବେଳେ ଲୋକଙ୍କୁ ଠକିବା ସହିତ କେତେବେଳେ କର୍ମଚାରୀମାନେ ସଂସ୍ଥାକୁ ଠକି ବହୁ ମାତ୍ରାରେ ଅର୍ଥ ହଡ଼ପ କରଥିବାର ଅଭିଯୋଗ ପୋଲିସ ପାଖରେ ପହଞ୍ଚୁଛି। ମାତ୍ର ପୋଲିସ ପ୍ରଶାସନ ଏଥିପ୍ରତି ଦୃଷ୍ଟି ନ ଦେବାରୁ ସମସ୍ୟା ସୃଷ୍ଟି ହେଉଥିବା ପରିଲକ୍ଷିତ ହେଉଛି।

ସାଟିନ କ୍ରେଡିଟ୍ କେୟାର ନେଟ୍‌ୱାର୍କ ଲିମିଟେଡ୍ କମ୍ପାନୀ ଦେଢ଼ବର୍ଷ ହେଲା ଉକ୍ତ ଅଞ୍ଚଳରେ ଅଫିସ୍ ଖୋଲି ଜିଲାର ୩୪୮ଟି ସ୍ୱୟଂ ସହାୟକ ସଂଘକୁ ଋଣ ଦେଶନେଇ କରିଆସୁଛି। ମାସିକ ୩ଥର ଟଙ୍କା ଉଠାଣ କରି ପ୍ରଥମେ କମ୍ପାନୀ କ୍ୟାଶବୁକ୍ ଜରିଆରେ ହିସାବ ରଖି ପରେ ଉକ୍ତ ଟଙ୍କାକୁ କ୍ରେଡିଟ୍ ମ୍ୟାନେଜର ଓ ବ୍ରାଞ୍ଚ ମ୍ୟାନେଜରଙ୍କ ତତ୍ତ୍ୱାବଧାନରେ ଲକର୍‌ରେ ଜମା ରଖାଯାଇଥାଏ। ଲକର୍ ଚାବି ଉଭୟଙ୍କ ପାଖରେ ରହେ। ଗତ ୨୨ ତାରିଖ ସୁଦ୍ଧା ୯ଲକ୍ଷ ୫୬ହଜାର ଟଙ୍କା ଆଦାୟ ହୋଇଥିଲା। ଗୁରୁବାର କମ୍ପାନୀର ଟେରିଟୋରୀ ମ୍ୟାନେଜର ତନ୍ମୟ କୁମାର ବେହେରା ପହଞ୍ଚି ଯାଞ୍ଚ କରି ମାତ୍ର ୬୨ହଜାର ୧୭ଟଙ୍କା ପାଇଥିବା ବେଳେ ୮ଲକ୍ଷ ୮୮ହଜାର ୬୭୮ ଟଙ୍କା କମ୍ ଥିବା ଜାଣିବାକୁ ପାଇଥିଲେ। ଦାୟିତ୍ୱରେ ଥିବା ଉଭୟଙ୍କୁ ପଚରାଯିବାରୁ ସଂଘମାନଙ୍କଠାରୁ ଉଠାଣ ହୋଇନାହିଁ ବୋଲି ଜବାବ ରଖିଥିଲେ। ପରେ ଏଜେଣ୍ଟଙ୍କ ମାଧ୍ୟମରେ ସମସ୍ତ ସଂଘରୁ ଟଙ୍କା ଆଦାୟ ହୋଇଥିବା ଜାଣି ପାରି କମ୍ପାନୀର ଉପରୋକ୍ତ ଅଧିକାରୀଙ୍କ ସହ ଆଲୋଚନା କରି ଟେରିଟୋରୀ ମ୍ୟାନେଜର ବେହେରା ବ୍ରାଞ୍ଚ ମ୍ୟାନେଜର ରାଧାକାନ୍ତ ବଳିଆରସିଂହ ଓ ବ୍ରାଞ୍ଚ କ୍ରେଡିଟ୍ ମ୍ୟାନେଜର ପ୍ରସନ୍ନ କୁମାର ସ୍ୱାଇଁଙ୍କ ନାମରେ ସଦର ଥାନାରେ ଅର୍ଥ ହଡ଼ପ ଅଭିଯୋଗ କରିଛନ୍ତି।

ଏନେଇ ଥାନା ଏଏସ୍‌ଆଇ ପ୍ରଫୁଲ୍ଲ କୁମାର ରଥ କହିଛନ୍ତି, ଏ ଅଞ୍ଚଳରେ ଦେଢ଼ବର୍ଷ ଧରି ଚାଲିଥିବା ସାଟିନ କ୍ରେଡିଟ୍ କେୟାର ନେଟ୍‌ୱାର୍କ ଲିମିଟେଡ୍ କମ୍ପାନୀ ସମ୍ପର୍କରେ ଥାନାରେ କୌଣସି ସୂଚନା ନ ଥିଲା। କର୍ମଚାରୀଙ୍କ ଦ୍ୱାରା ଅର୍ଥ ହେରଫେର ହୋଇଥିବା ଅଭିଯୋଗ ଆସିଛି। ତଦନ୍ତ ଜାରି ରହିଛି। ସତ୍ୟାସତ୍ୟ ଜଣାପଡ଼ିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ସ୍ୱାତୀନଗରଠାରେ ଚାଲୁଥିବା ସାଟିନ କ୍ରେଡିଟ୍ କେୟାର ନେଟ୍‌ୱର୍କ କମ୍ପାନୀ।

## ସୀମା ଟପିଲା ମାଙ୍କଡ଼ ଉପଦ୍ରବ: ଗ୍ରାମବାସୀ ଆତଙ୍କିତ

**ବସ୍ତା,୨୬।୭(ସ୍ୱ.ପ୍ର.):** ବସ୍ତା ବ୍ଲକ କୁଳିଦା ପଞ୍ଚାୟତର କୁଳିଦା, ଆଗ୍ରଡ଼ା, ତେନ୍ତୁଳିଆ ଆଦି ଗ୍ରାମରେ କିଛିଦିନ ହେଲା ମାଙ୍କଡ଼ ଉପଦ୍ରବ ଚରମ ସୀମାରେ ପହଞ୍ଚିଛି। ଗତ ୭ଦିନ ପୂର୍ବରୁ ମାଙ୍କଡ଼ କାମୁଡାରେ ୧୦ରୁ ଉର୍ଦ୍ଧ୍ୱ ଲୋକ ଆହତ ହୋଇଥିଲେ। ବନବିଭାଗ ସେଠାରେ ପହଞ୍ଚି ମାଙ୍କଡ଼ ଘଉଡ଼ାଇବା ସହିତ କିଛି ମାଙ୍କଡ଼କୁ ଆୟତ୍ତ କରି ଜଙ୍ଗଲରେ ନେଇ ଛାଡ଼ିଥିଲେ। ମାତ୍ର ପୁଣି ଗତ ଗୁରୁବାରଠାରୁ ମାଙ୍କଡ଼ଙ୍କ ଦୌରାତ୍ମ୍ୟ ବଢ଼ିଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। ଶୁକ୍ରବାର କୁଳିଦା ଗ୍ରାମର ପଦ୍ମାବତୀ ଗିରି ନାମକ ଜନୈକା ମହିଳାଙ୍କ ନାକକୁ ଗୋଟିଏ ମାଙ୍କଡ କାମୁଡି ଛିଣ୍ଡାଇ ଦେବା ସହିତ ତାଙ୍କ ମୁହଁରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ସେ ଗୁରୁତର ହୋଇପଡିଛନ୍ତି। ତାଙ୍କୁ ତୁରନ୍ତ ବସ୍ତା ଡାକ୍ତରଖାନାକୁ ଅଣାଯାଇଥିଲା। ମାତ୍ର ସେଠାରେ ଚିକିତ୍ସା ସମ୍ଭବ ନ ହେବାରୁ ତାଙ୍କୁ ତୁରନ୍ତ କଟକ ସ୍ଥାନାନ୍ତରିତ ଲାଗି ଡାକ୍ତର ପରାମର୍ଶ ଦେଇଥିଲେ। ମାଙ୍କଡ଼ ଭୟରେ ଛୋଟ ଛୋଟ ପିଲାମାନଙ୍କୁ ସ୍କୁଲ ପଠାଇବା ପାଇଁ ଅଭିଭାବକମାନେ ଭୟ କରୁଛନ୍ତି। ଏହାର ସ୍ଥାୟୀ ପ୍ରତିକାର ସହ ଆହତମାନଙ୍କୁ କ୍ଷତିପୂରଣ ଦାବି ହୋଇଛି।

## ଧାନ ତଳି ଉଜାଡ଼ିଲେ ହାତୀପଲ

**ସୋର, ୨୬।୭(ଡି.ଏନ.ଏ.):** ସୋର ବ୍ଲକ ସିଙ୍ଗାଖୁଣ୍ଟା ପଞ୍ଚାୟତ ସରଳିଆ ରାଜସ୍ୱ ଗ୍ରାମରେ ଥିବା ୩ ଜଣ ଚାଷୀଙ୍କ ଧାନ ତଳି କିଆରିରେ ପଶି ଦଳି ଦେଇଛନ୍ତି ହାତୀପଲ। ଏହି ଗ୍ରାମର ଜଗବନ୍ଧୁ ସେଠୀ, ଅନିରୁଦ୍ଧ ସେଠୀ, ସୁକାନ୍ତି ଧଳଙ୍କ ସହ ପଡୋଶୀଙ୍କ ଧାନ ତଳି ପଡିଥିବା କିଆରିରେ ହାତୀପଲ ଗୁରୁବାର ରାତିରେ ପଶି ଦଳିଚକଟି ଦେଇଛନ୍ତି। ଶୁକ୍ରବାର ସକାଳେ ଚାଷୀ ବିଲକୁ ଯାଇଥିବା ବେଳେ ହାତୀ ନଷ୍ଟ କରିଥିବା କିଆରି ଦେଖି ମୁଣ୍ଡରେ ହାତି ଦେଇ ବସିଥିଲେ। ଏଥର ଦୁର୍ବଳ ମୌସୁମୀରେ ପାଣି ବନ୍ଦୋବସ୍ତ କରି ଏହି ପକାଇଥିବା ବେଳେ ରୁଆ ହେବା ଅବସ୍ଥାରେ ତଳି ନଷ୍ଟ ପାଇଁ ଚାଷୀଙ୍କ ମୁଣ୍ଡରେ ଚଡକ ପଡିଛି। ଏନେଇ ବନ ବିଭାଗ ପାଖରେ ଅଭିଯୋଗ ହୋଇଥିଲେ ବି ବିଭାଗୀୟ ପଦକ୍ଷେପ ଶୂନ।




ଶହୀଦ ଗଙ୍ଗାରାମ ସ୍ମୃତି ପରିଷଦ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା

## ଶହୀଦ ଗଙ୍ଗାରାମଙ୍କୁ ଶ୍ରଦ୍ଧାଞ୍ଜଳି

ବାଲେଶ୍ୱର ଅଫିସ, ୨୬।୭

**ବିଭିନ୍ନ ସ୍ଥାନରେ କାର୍ଗିଲ୍ ବିଜୟ ଦିବସ**

ବାଲେଶ୍ୱର ଜିଲାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶୁକ୍ରବାର ୨୦ତମ କାର୍ଗିଲ ବିଜୟ ଦିବସ ପାଳନ କରାଯାଇଛି। ଏହି ଅବସରରେ ଶହୀଦମାନଙ୍କର ଅମର ଆତ୍ମା ନିମନ୍ତେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି।

କୁରୁଡ଼ା ନିକଟବର୍ତ୍ତୀ ହରିଡ଼ା ଗ୍ରାମରେ ୧୯୯୯ କାର୍ଗିଲ ଯୁଦ୍ଧରେ ଦେଶମାତୃକା ପାଇଁ ଶତ୍ରୁ ସହ ପରାକ୍ରମର ସହ ଲଢ଼େଇ କରି ଶହୀଦ ହୋଇଥିବା ଗଙ୍ଗାରାମ ଦାସଙ୍କର ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଶହୀଦ ଗଙ୍ଗାରାମ ସ୍ମୃତି ପରିଷଦର କାର୍ଯ୍ୟକାରୀ ସଭାପତି ଅବସରପ୍ରାପ୍ତ ସୁବେଦାର ମେଜର ବିଜୟ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବାଲେଶ୍ୱର ଏମ୍‌ପି ପ୍ରତିନିଧି ଉମାକାନ୍ତ ମହାପାତ୍ର, ସଦର ବିଧାୟକ ପ୍ରତିନିଧି ପର୍ଶୁରାମ ବେହେରା, ବାଲେଶ୍ୱରର ଭୂତପୂର୍ବ ସୈନିକ ସଙ୍ଗଠନ ସଭାପତି ହାବିଲଦାର ସନ୍ତୋଷ କୁମାର କାଠ ଓ ସମ୍ପାଦକ ଆନନ୍ଦ ଚନ୍ଦ୍ର ବରାଳ, ଜିଲାପରିଷଦ ସଦସ୍ୟ ସୁଧାଂଶୁ ଶେଖର ପଣ୍ଡା ଓ ବିପିନ୍ ମାରାଣ୍ଡି, କୁରୁଡ଼ା ସରପଞ୍ଚ ବାସନ୍ତୀ ଗିରି, ସଦର ଥାନାର ଭାରପ୍ରାପ୍ତ ଅଧିକାରୀ ମମତା ସାହୁ ଯୋଗଦେଇ ଶହୀଦ ଦାସଙ୍କ ସ୍ମୃତିଚାରଣ କରିଥିଲେ। ସ୍ମୃତି ପରିଷଦର ଦାବି ଅନୁସାରେ ଆଗାମୀ ଦିନରେ କୁରୁଡ଼ା-ମଠସାହି ରାସ୍ତାକୁ ଶହୀଦଙ୍କ ନାମରେ ନାମକରଣ କରାଯିବା ପାଇଁ ପ୍ରଶାସନିକ ସ୍ତରରେ ପ୍ରଚେଷ୍ଟା ଜାରି ରହିବ ବୋଲି ପ୍ରକାଶ ପାଇଥିଲା। ନୀଳକଣ୍ଠେଶ୍ୱର ମହାବିଦ୍ୟାଳୟର ଛାତ୍ରୀଛାତ୍ର ଓ ସ୍ଥାନୀୟ ଗ୍ରାମବାସୀ, ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ଏହି ଉତ୍ସବରେ ଯୋଗଦେଇ ଶହୀଦ ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଉକ୍ତ ସଭାରେ ଶହୀଦଙ୍କ ପତ୍ନୀ ମଣିମାଳା ଦାସ, ପିତା ଶ୍ୟାମ ସୁନ୍ଦର ଦାସ, ପୁତ୍ର ଅନୁପମ ଦାସଙ୍କ ସହ ସ୍ମୃତି ପରିଷଦର ସମ୍ପାଦକ ସୁଶାନ୍ତ କୁମାର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଓୟୁଜେ (ଓଡ଼ିଶା ସାମ୍ବାଦିକ ୟୁନିଅନ୍) ଜିଲା ଶାଖା ପକ୍ଷରୁ କାର୍ଗିଲ ଶହୀଦମାନଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଶହୀଦମାନଙ୍କ ପରିବାରକୁ ଭଗବାନ ଅସୀମ ଧୈର୍ଯ୍ୟ, ସାହସ ଓ ଶକ୍ତି ଦିଅନ୍ତୁ ବୋଲି କୃତଜ୍ଞତା କାମନା କରିଥିଲେ। ସଂଘର ରାଜ୍ୟ କୋଷାଧ୍ୟକ୍ଷ ଗଙ୍ଗାଧର ରାଉତ, ବରିଷ୍ଠ ସଦସ୍ୟ ଅଜିତ ମହାନ୍ତି, ତୃପ୍ତିକାନ୍ତ ପାଢ଼ୀ, ମନୋଜ ରାଉଳ, ଆଲୋକ ବାରିକ, ଆଶୁତୋଷ ମଲ୍ଲିକ, ସୋମନାଥ ସାହୁ, ପ୍ରସନ୍ନଜିତ୍ ଆସ୍, ମିତ୍ରବନ୍ଧୁ ଦଳେଇ, ଜୀବନଜ୍ୟୋତି ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ମୋବାଇଲ ଚୋର ଗିରଫ

ସୋର, ୨୬।୭(ଡି.ଏନ.ଏ.)

ସୋର ଥାନା ଅନ୍ତର୍ଗତ ରାଜପଥ ପାର୍ଶ୍ୱ ବାରିକ୍ ସାପ୍ତାହିକ ହାଟରୁ ଝାଡଖଣ୍ଡ ଅଂଚଳର ଜଣେ ନାବାଳକ ସହ ଅନ୍ୟଜଣେ ମୋବାଇଲ ଚୋରକୁ ଶୁକ୍ରବାର ପୂର୍ବାହ୍ନରେ ଲୋକେ ଧରି ପୁଲିସକୁ ଦେଇଛନ୍ତି। ଝାଡଖଣ୍ଡର ରାଜମହଲ ଥାନା ଅଧୀନ ତିନିପାହାଡ ଗ୍ରାମର ତାଲକା ନୁଣିଆର ପୁଅ ପ୍ରଦୀପ କୁମାର(୨୬) ସେହି ଅଂଚଳର ଜଣେ ନାବାଳକ ସହାୟତାରେ ଏହି ବଜାରକୁ ଆସି ଲୋକଙ୍କ ଠାରୁ ଏକ ମୋବାଇଲ ଚୋରି କରୁଥିବା ବେଳେ ଲୋକଙ୍କ ହାବୁଡରେ ପଡିଥିଲେ। ମାଷ୍ଟରମାଇଣ୍ଡ ପ୍ରଦୀପକୁ ଥାନାରେ ରଖି ପୁଲିସ ଅଧିକ ତଦନ୍ତ କରୁଥିବା ବେଳେ ନାବାଳକକୁ ସିଡବ୍ଲ୍ୟୁସିକୁ ହସ୍ତାନ୍ତର କରାଯାଇଥିବା ଜାଣିବାକୁ ମିଳିଛି।

## ୪ ଚୋରା ମଦ ବେପାରୀ ଗିରଫ

**ନୀଳଗିରି, ୨୬।୭(ଡି.ଏନ.ଏ.):** ନୀଳଗିରି ଅବକାରୀ ବିଭାଗ ଓ ସ୍ଥାନୀୟ ପୋଲିସ ପକ୍ଷରୁ ବିଭିନ୍ନ ଗାଁରେ ଚଢ଼ାଉ କରାଯାଇ ୪ ଚୋରା ଦେଶୀ ମହୁଲି ମଦ ବେପାରୀଙ୍କୁ ଗିରଫ କରାଯାଇଛି। ସେମାନଙ୍କୁ ଶୁକ୍ରବାର କୋର୍ଟରେ ହାଜର କରାଯାଇଛି। ବେପାରୀଙ୍କଠାରୁ ସମୁଦାୟ ୫୧ଲିଟର ମଦ ଜବତ ହୋଇଛି। ସେମାନେ ହେଲେ ଅସ୍ତିଆ ପାଟଣା ଗାଁର ରବୀନ୍ଦ୍ର ସ, ସନ୍ତରାଗଡ଼ିଆ ଗାଁର ପୁରୁଷୋତ୍ତମ ପାଣିଗ୍ରାହୀ, ବୁଦୁସାହି ଗାଁର ଜୟନ୍ତୀ ମଲିକ ଓ ପୋଲିସ ଦ୍ୱାରା ଗିରଫ ତେଣ୍ଡା ଗାଁର ମହେନ୍ଦ୍ର ସିଂ। ଏନେଇ ବିଭାଗରେ ୩ଟି ପିଆର ନଂ. ୯/୧୯, ୧୦/୧୯ ଓ ୫୩/୧୯ ରୁଜୁ ହେବା ସହ ଥାନାରେ ୧୬୮/୧୯ ରୁଜୁ ହୋଇଛି।

## ସହରକୁ ଜବରଦଖଲ ମୁକ୍ତ ଦାବି

ବାଲେଶ୍ୱର ଅଫିସ,୨୬।୭

**ମିଶନ 'ବିୟୁଟି ସିଟି'କୁ ସ୍ୱାଗତ**

ବାଲେଶ୍ୱର ସହର ରାସ୍ତା ତଥା ନୟନଯୋରିକୁ ଜବରଦଖଲ କରି ବହୁ ବ୍ୟକ୍ତିବିଶେଷ, ବ୍ୟବସାୟୀ ସଙ୍କୁଚିତ କରିବା ଦ୍ୱାରା ସର୍ବସାଧାରଣ ଯାତାୟାତରେ ସମସ୍ୟା ଭୋଗୁଛନ୍ତି। ଏହାକୁ ଅନୁଭବ କରି ଗତ ୨୨ତାରିଖରୁ ନୂତନ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ନିର୍ଦ୍ଦେଶରେ ଆରମ୍ଭ କରାଯାଇଥିବା ମିଶନ 'ବିୟୁଟି ସିଟି'କୁ ବିଭିନ୍ନ ସାମାଜିକ ସଂସ୍ଥା ପକ୍ଷରୁ ସ୍ୱାଗତ କରାଯାଇଛି।

ସାମାଜିକ କର୍ମୀ ଗିରିଜା ଶଙ୍କର ଦାସଙ୍କ ଆବାହନରେ ସ୍ଥାନୀୟ ବ୍ରିଟ କଲ୍ୟାଣମଣ୍ଡପ ପରିସରରେ ସହରର ପ୍ରାୟ ୧୫ଟି ସମାଜସେବୀ ଅନୁଷ୍ଠାନ ଏବଂ ୫୦ରୁ ଉର୍ଦ୍ଧ୍ୱ ସହରବାସୀ ଉପସ୍ଥିତ ହୋଇ ଜିଲାପାଳଙ୍କୁ ସହରର ରାସ୍ତାଘାଟ ପ୍ରଶସ୍ତୀକରଣ ସହିତ ବାଲେଶ୍ୱର ସହରକୁ ପରିଷ୍କାର ପରିଚ୍ଛନ୍ନ ରଖାଯିବା ସଂକ୍ରାନ୍ତୀୟ ଦାବିପତ୍ର ପ୍ରଦାନ କରିଥିଲେ। ସହରର ବୁଦ୍ଧିଜୀବୀ, ସମାଜସେବୀ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନଙ୍କ ଉପସ୍ଥିତିରେ ଆଲୋଚନା କରାଯାଇଥିଲା। ସହରର ସମସ୍ତ ଜବରଦଖଲକୁ ଉଚ୍ଛେଦ ଲାଗି ଦାବି କରାଯାଇଥିଲା। ଉଡ଼ନ୍ତା ପୋଲର ମରାମତି ସହ ତଳେ ଥିବା ଦୋକାନ ଘରଗୁଡ଼ିକୁ ଉଚ୍ଛେଦ କରିବା ଦାବି ହୋଇଥିଲା। ସରକାରୀ ଅମିନଙ୍କ ନକ୍ସା ଅନୁସାରେ ମାପ କରାଯାଇ ଦଖଲକାରୀଙ୍କୁ ସ୍ଥାନ ଦିଆଯିବ ବୋଲି ଜିଲାପାଳ ଚକ୍ରବର୍ତ୍ତୀ ପ୍ରତିଶ୍ରୁତି ଦେଇଥିଲେ।



ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ସାମାଜିକ କର୍ମୀ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ଶନିବାର, ଜୁଲାଇ ୨୭/୨୦୧୯ Balasore, Saturday, July 27/2019




## ଷ୍ଟେଶନରୁ ଯୁବତୀଙ୍କ ସମେତ ୫ ଉଦ୍ଧାର

**ଭଦ୍ରକ ଅଫିସ, ୨୬।୭**

ଭଦ୍ରକ ଷ୍ଟେଶନ ପରିସରରୁ ଗୁରୁବାର ଜଣେ ଯୁବତୀ ସମେତ ୫ ଜଣଙ୍କୁ ରେଳସୁରକ୍ଷା ବଳ ଓ ରେଲୱେ ପୋଲିସ ଉଦ୍ଧାର କରିଛନ୍ତି। ସେମାନଙ୍କ ମଧ୍ୟରେ ୩ ଜଣ ନାବାଳକ, ଜଣେ ନାବାଳିକା ଓ ଜଣେ ଯୁବତୀ ଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ସେମାନେ ଭଦ୍ରକ ଷ୍ଟେଶନରେ ସନ୍ଦେହଜନକ ଅବସ୍ଥାରେ ବୁଲୁଥିବା ଏହି ଟିମ୍ ନଜରକୁ ଆସିଥିଲା। ସେମାନଙ୍କ ଘର ଝାଡ଼ଖଣ୍ଡ, କେନ୍ଦୁଝର ଓ ପଶ୍ଚିମବଙ୍ଗ ଅଞ୍ଚଳରେ। କୌଣସି ଏକ ଅଜଣା ଟ୍ରେନରେ ଆସି ଭଦ୍ରକ ଷ୍ଟେଶନରେ ଓହ୍ଲାଇଥିଲେ। ଆନ୍ଧ୍ରପ୍ରଦେଶର ଗୁଣ୍ଟୁରସ୍ଥିତ ଏକ ସୂତାକଳକୁ କାମ କରିବାକୁ ଯିବା ପାଇଁ ସେମାନେ ଟ୍ରେନ୍‌କୁ ଅପେକ୍ଷା କରିଥିଲେ। ଖବର ପାଇ ଏହି ଟିମ୍ ସେମାନଙ୍କୁ ଉଦ୍ଧାର କରି ଭଦ୍ରକ ଚାଇଲ୍ଡ ଲାଇନକୁ ହସ୍ତାନ୍ତର କରିଥିଲା। ଚାଇଲ୍ଡ ଲାଇନ ସେମାନଙ୍କ ଠିକଣା ଅନୁଯାୟୀ ପରିବାର ଲୋକଙ୍କ ସହ ଯୋଗାଯୋଗ କରି କେନ୍ଦୁଝରର ଦୁଇ ନାବାଳିକା ଓ ନାବାଳକଙ୍କୁ ଜିଲା ଶିଶୁ ମଙ୍ଗଳ କମିଟି ନିର୍ଦ୍ଦେଶକ୍ରମେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅନ୍ୟମାନଙ୍କୁ ଆସିଆନା ମୁକ୍ତାଶ୍ରୟରେ ରଖାଯାଇଥିବା ସୂଚନା ଦିଆଯାଇଛି।

## ବେଳାଭୂମିରେ ପ୍ରେମୀଯୁଗଳଙ୍କ ଆତ୍ମହତ୍ୟା

**ବାଲିଆପାଳ, ୨୬।୭(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାଲିଆପାଳ ଥାନା ଡଗରା ବେଳାଭୂମିରେ ଶୁକ୍ରବାର ପାନ୍ଥ ନିବାସର ପଶ୍ଚିମପଟ ଝାଉଁଜଙ୍ଗଲରେ ଏକ ଅଜଣା ପ୍ରେମୀଯୁଗଳ ଆତ୍ମହତ୍ୟା କରିଛନ୍ତି। ପାଖାପାଖି ଦୁଇଟି ଝାଉଁଗଛରେ ଦୁଇ ଜଣ ବେକରେ ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ପ୍ରେମୀଯୁଗଳଙ୍କ ମଧ୍ୟରୁ ଝିଅ ପିଲାଟି ପିନ୍ଧିଥିବା ଡ୍ରେସରୁ ଏକ କଲେଜ ଛାତ୍ରୀ ବୋଲି ଜଣାପଡିଛି। ସନ୍ଧ୍ୟା ପର୍ଯ୍ୟନ୍ତ ପ୍ରେମୀଯୁଗଳଙ୍କ ମୃତଦେହ ଉଦ୍ଧାର କରାଯାଇପାରିନାହିଁ। ଶନିବାର ଏହାର ତଦନ୍ତ କରାଯିବ ବୋଲି ଜାମକୁଣ୍ଡା ଫାଣ୍ଡି ଅଧିକାରୀ ଶାରଦା ପ୍ରସନ୍ନ ମୁଦୁଲି କହିଛନ୍ତି।

# କେନାଲରେ ବୁଡ଼ି ୨ଛାତ୍ର ମୃତ

## ଶିକ୍ଷକ ଅଟକ, ବିଦ୍ୟାଳୟ ପରିସରରେ ଉତ୍ତେଜନା

**ଖଇରା/ଭଦ୍ରକ ଅଫିସ, ୨୬।୭(ଡି.ଏନ.ଏ.)**



ଖଇରା ପୋଲିସ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବାକୁ ଉଦ୍ୟମ କରୁଛି।

ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ରଟିଣା ନୋଡାଲ ହାଇସ୍କୁଲ ୭ମ ଶ୍ରେଣୀର ୨ଛାତ୍ର ଖେଳଛୁଟିରେ ବାହାରକୁ ଆସି ନିକଟସ୍ଥ ଆମ୍ବହତା କେନାଲରେ ବୁଡି ପ୍ରାଣ ହରାଇଛନ୍ତି। ଶିକ୍ଷକଙ୍କ ଅବହେଳା ଯୋଗୁ ଏଭଳି ଘଟଣା ଘଟିଥିବା ଅଭିଯୋଗ କରି ଶହ ଶହ ସଂଖ୍ୟାରେ ଅଭିଭାବକ, ପରିଚାଳନା କମିଟି ସଭ୍ୟାସଭ୍ୟ, ଗ୍ରାମବାସୀ ଶିକ୍ଷକମାନଙ୍କୁ ଅଟକ ରଖିବା ସହ ୫୦ଲକ୍ଷ ଟଙ୍କାର କ୍ଷତିପୂରଣ ଦାବି କରିଛନ୍ତି। ଉତ୍ତ୍ୟକ୍ତ ଲୋକେ ପ୍ରଧାନ ଶିକ୍ଷକଙ୍କ ଗାଡ଼ି ଭଙ୍ଗାରୁଜା କରିବା ସହ ତାଙ୍କୁ ଏବଂ କେତେକ ପ୍ରଶାସନିକ ଅଧିକାରୀଙ୍କୁ ଠେଲାପେଲା କରିଥିଲେ। ନୀଳଗିରି ଏସ୍‌ଡିପିଓ ସୁଦାମ ଚରଣ ବେହେରା ଖଇରା ଥାନା ଆଇଆଇସି ଲୋପାମୁଦ୍ରା ନାୟକ, ଖଇରା ତହସିଲଦାର ପ୍ରଦୀପ କୁମାର ସାହୁ, ଅତିରିକ୍ତ ତହସିଲଦାର ବିଭାସ ରଞ୍ଜନ ପାଣିଗ୍ରାହୀ ପ୍ରମୁଖ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ଖବର ଲେଖାଯିବା ପର୍ଯ୍ୟନ୍ତ ସେମାନେ ଶିକ୍ଷକଙ୍କ ନିଲମ୍ବନ ଦାବି ଜିଦରେ ଅଟଳ ଅଛନ୍ତି। ଉତ୍ତେଜନାକୁ ନଜରରେ ରଖି ଖଇରା ପୋଲିସ ପଡୋଶୀ ଔପଦା ଓ ସୋର ପୋଲିସର ସହାୟତା ନେଇଥିବାର ଜଣାଯାଇଛି।

୭ମ ଶ୍ରେଣୀରେ ପଢୁଥିବା ରଟିଣା ଗ୍ରାମର ଧନଞ୍ଜୟ ଜେନା, ରାଜେଶ ସାହୁ ଓ ତାପସ ସାହୁ ଖେଳ ଛୁଟିରେ କେନାଲ କୂଳରେ ଥିବା ପେଡା ଗଛରୁ ପେଡା ତୋଳିବାକୁ ଯାଇଥିଲେ। ପେଡା ଖାଇସାରି ଧନଞ୍ଜୟ ଏବଂ ରାଜେଶ ଗୋଡ ହାତ ଧୋଇବାକୁ କେନାଲ ଭିତରକୁ ଯାଇଥିଲେ। ତାପସଙ୍କୁ ଡାକିଥିଲେ ମଧ୍ୟ ମା' ପାଟି କରିବ ବୋଲି କହି ଯାଇ ନ ଥିଲେ। ଗୋଡ ଧୋଉଥିବା ବେଳେ ଖସିଯିବାରୁ ଛାତ୍ରଦ୍ୱୟ ବୁଡିଯାଇଥିଲେ। ପାଣିରୁ ନ ଉଠିବା ଦେଖି ସାଙ୍ଗ ତାପସ ଗାଁଙ୍କୁ ଦୌଡି ଦୌଡି ଯାଇ ଏକଥା କହିଥିଲେ। ଗ୍ରାମବାସୀ ଏବଂ ଖଇରା ଦମକଳ ବାହିନୀର ମିଳିତ ସହଯୋଗରେ ଛାତ୍ରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ପ୍ରଥମେ ଆଗରପଡା ଓ ପରେ ଭଦ୍ରକ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ସେଠାରେ ସମ୍ପର୍କୀୟମାନଙ୍କ କାନ୍ଦ ବୋବାଳିରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଶନିବାର ବ୍ୟବଚ୍ଛେଦ ହେବ ବୋଲି ମେଡିକାଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ରିପୋର୍ଟ ଲେଖା ହେବା ସୁଦ୍ଧା ମେଡିକାଲରେ ପୋଲିସ ପହଞ୍ଚି ନ ଥିଲା।

ଖବର ପ୍ରଚାରିତ ହେବା ପରେ ୫ଶହରୁ ଊର୍ଦ୍ଧ୍ୱ ଗ୍ରାମବାସୀ ବିଦ୍ୟାଳୟକୁ ଯାଇ ଶିକ୍ଷକଙ୍କୁ ଅଟକ ରଖିଥିଲେ। ପରିଚାଳନା କମିଟି ସଭାପତି ବିଦ୍ୟାଧର ଶତପଥିଙ୍କ କହିବା ଅନୁଯାୟୀ ଶନିବାର ସମାନ ଘଟଣାରେ ସିପୁନ ସାମଲ ନାମକ ଛାତ୍ର ଖେଳଛୁଟିରେ କେନାଲକୁ ଯାଇ ବୁଡି ଯାଉଥିବା ବେଳେ ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତିଯାଇଥିଲେ। ଏ ସମ୍ପର୍କରେ ବିଦ୍ୟାଳୟର ଶିକ୍ଷକମାନଙ୍କୁ କମିଟି ପକ୍ଷରୁ ତାଗିଦ୍ କରାଯାଇଥିଲା। ହେଲେ ପୁନର୍ବାର ଏଭଳି ଘଟଣା ଘଟି ୨ଜଣ ଛାତ୍ରଙ୍କ ଜୀବନ ଯିବା କେବଳ ସ୍ଥାନୀୟ ଶିକ୍ଷକଙ୍କ ବେପରୁଆ ଆଚରଣ ଯୋଗୁ ହୋଇଥିବା ନେଇ ସିଧାସଳଖ ଅଭିଯୋଗ କରିଛନ୍ତି। ବିଦ୍ୟାଳୟର ଅବ୍ୟବସ୍ଥା ସମ୍ପର୍କରେ ବହୁବାର ପରିଚାଳନା ସମିତି ବୈଠକରେ ଆଲୋଚନା କରାଯିବା ତଥା ବ୍ଲକ ଶିକ୍ଷାଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ବିହିତ ପଦକ୍ଷେପ ନିଆ ନ ଯିବାରୁ ଏଭଳି ଦୁର୍ଘଟଣା ଘଟିଲା ବୋଲି ସରପଞ୍ଚ ସତ୍ୟାନନ୍ଦ ଦାସ ଓ ଗୌରୀମହାପାତ୍ର କହିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ବିଦ୍ୟାଳୟ ଖୋଲିବାକୁ ଦିଆଯିବ ନାହିଁ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ଧନଞ୍ଜୟଙ୍କ ମା' ମୃତ୍ୟୁବରଣ କରିବାର ବର୍ଷେ ନ ପୂରୁଣୁ ପୁଅର ମୃତ୍ୟୁ ପରିବାରରେ ଶୋକର ଛାୟା ଖେଳାଇ ଦେଇଛି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ସୁଧୁରୁନି ଟ୍ରାଫିକ୍ ଜାମ୍

ଯୋଡ଼ା,୨୬।୭(ଡି.ଏନ.ଏ.)

କେନ୍ଦୁଝର ଜିଲା ଦେଇ ଯାଇଥିବା ୫୨୦ ନଂ. ଜାତୀୟ ରାଜପଥର ଯୋଡା-ବଡବିଲ-ବିଲେଇପଦା-ଭଦ୍ରାସାହି ରାସ୍ତାରେ ଟ୍ରାଫିକ ଜାମ୍ ସମସ୍ୟା ସୁଧୁରିବା ନାଁ ନେଉନାହିଁ । ଜାତୀୟ ରାଜପଥରେ ଭଦ୍ରାସାହିଠାରୁ ଯୋଡା ଏବଂ ବିଲେଇପଦା ମଧ୍ୟରେ ବୁଧବାର ରାତିରେ ଟ୍ରାଫିକ୍ ଜାମ୍ ଯୋଗୁ ବହୁ ଯାନବାହନ ରାସ୍ତାରେ ଅଟକି ରହିଥିଲା। ବଡବିଲଠାରୁ ଯାଉଥିବା ଦ୍ରୁତଗାମୀ ଯାତ୍ରୀବାହୀ ବସଗୁଡିକ ଯୋଡା ରଣାଶାଳ ଘାଟିଠାରେ ଦୀର୍ଘ ସମୟ ଅଟକି ରହିଥିଲେ । ସେହିପରି କଳାପାହାଡ ଲହଣ୍ଡା ମଧ୍ୟରେ ଟ୍ରାଫିକ ଜାମ୍ ହେବାରୁ ସେଠାରେ ମଧ୍ୟ ଯାତ୍ରୀବାହୀ ବସ ସମେତ ଛୋଟବଡ ଯାନବାହନ ଅଟକି ରହିଥିଲା। ଏଭଳି ଟ୍ରାଫିକ୍ ସମସ୍ୟାର ପ୍ରତିକାର ଲାଗି କେନ୍ଦୁଝର ଜିଲାପାଳ, ଚମ୍ପୁଆ ଉପଜିଲାପାଳଙ୍କ ସମେତ ଯୋଡା, ବଡବିଲ, ବାମେବାରୀ, ରୁଗୁଡି, ବଡବିଲ ପ୍ରଭୃତି ଥାନାର ଭାରପ୍ରାପ୍ତ ଅଧିକାରୀ ଏବଂ ଯୋଡା ଖଣି ଉପ ନିର୍ଦ୍ଦେଶକ ପ୍ରମୁଖ ବାରମ୍ବାର ବୈଠକ କରୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ଟ୍ରାଫିକ୍ ଜାମ୍ ସୁଧୁରିବା ପରିବର୍ତ୍ତେ ଦିନକୁ ଦିନ ଅଣାୟତ୍ତ ହେଉଛି।

ଟ୍ରାଫିକ୍ ସମସ୍ୟା ସୁଧାରିବାକୁ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ୫୨୦ ନଂ. ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ଘରୋଇ ସୁରକ୍ଷାକର୍ମୀ ନିୟୋଜିତ କରାଯିବା ସାଙ୍ଗକୁ

ଟୋଲ୍ ଫ୍ରି ନମ୍ବର ଜାରି କରାଯାଇଛି। ସ୍ଥାନୀୟ ଲୋକେ କହିଛନ୍ତି ଯେ, ଟୋଲ ଫ୍ରି ନମ୍ବରର ପ୍ରଚଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲେ ମଧ୍ୟ ଏ ସମ୍ପର୍କରେ ଏ ପର୍ଯ୍ୟନ୍ତ ସର୍ବସାଧାରଣଙ୍କୁ ଅବଗତ କରାଯାଇନାହିଁ । ଯୋଡାର ପୂର୍ବତନ ଭାଇସଚେୟାରମ୍ୟାନ୍ ପୁରୁଷୋତ୍ତମ ଦାସ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ରାଜ୍ୟ ସରକାର ରାଜସ୍ୱ ଲୋଭରେ ଅହୋରାତ୍ର ଖଣିଜ ପରିବହନ ପାଇଁ ଅନୁମୋଦନ ଦେଇଚାଲିଛନ୍ତି। ହେଲେ ପରିବହନ ଭିତ୍ତିଭୂମିର ବିକାଶ କରାଯାଉ ନାହିଁ। ଏବେ ରାଜପଥ ନିର୍ମାଣ କାର୍ଯ୍ୟ ଚାଲିଥିବାରୁ ଅନେକ ରାସ୍ତାର ଡାଇଭର୍ସନ ବ୍ୟବସ୍ଥା କରାଯାଇଛି। ଏଥିଲାଗି ରାସ୍ତା ଅଧିକ ଜାମ୍ ହେଉଛି । ଏହା ବ୍ୟତୀତ ପରିବହନ କମ୍ପାନୀ ୧୮ ଚକ ଓ ୨୨ ଚକ ବିଶିଷ୍ଟ ଭାରିଯାନ ବାହାର ରାଜ୍ୟରୁ ଆଣି ଖଣିଜ ପରିବହନ କରିବାରୁ ଏହା ଟ୍ରାଫିକ ଜାମ ସମସ୍ୟା ଦ୍ୱିଗୁଣିତ କରୁଛି । ଯୋଡା ବିକାଶ ପରିଷଦର ସଭାପତି ନିରଞ୍ଜନ ବହିଦାର ଅନୁରୂପ ପ୍ରତିକ୍ରିୟା ବ୍ୟକ୍ତ କରି କହିଛନ୍ତି, ଦିନବେଳା ଭାରିଯାନ ଚଳାଚଳ ଉପରେ କେବଳ କଟକଣା ଜାରି କଲେ ସମସ୍ୟାର ସମାଧାନ ହେବ ନାହିଁ । ୨୦୨୦ ରେ ଖଣି ବନ୍ଦ ହେବା ଆଶଙ୍କା ଥିବାରୁ ଲିଜ୍‌ଧାରୀମାନେ ଅହେତୁକ ପରିମାଣର ଖଣିଜ ଉତ୍ତୋଳନ କରି ଏହାକୁ ପରିବହନ କରିବା ସକାଶେ ବଡ ବଡ ଭାରିଯାନ ବ୍ୟବହାର କରୁଛନ୍ତି। ଏଥିଲାଗି ରାଜପଥ ଅବସ୍ଥା ଶୋଚନୀୟ ହୋଇପଡିଛି। ଖଣିଜ ଦ୍ରବ୍ୟ ଉତ୍ତୋଳନ ଓ ପରିବହନ ଉପରେ କଟକଣା କରାଗଲେ ଟ୍ରାଫିକ୍ ଜାମ୍ ଦୂର ହୋଇପାରନ୍ତା।

ଉଲ୍ଲେଖନୀୟ ଯେ କେନ୍ଦୁଝର, ଚଣ୍ଡିଖୋଲ, ତାଳଚେର, ଯୋଡା, ବଡବିଲ, ରାଉରକେଲା, କଟକ, ପାରାଦୀପ ପ୍ରଭୃତି ଅଞ୍ଚଳର ବହୁ ଟ୍ରକ ମାଲିକ ପୂର୍ବରୁ ଏ ଅଞ୍ଚଳରୁ ଖଣିଜପଥର ପରିବହନ କରୁଥିଲେ। ଏବେ ପରିବହନ କମ୍ପାନୀମାନେ ପଞ୍ଜାବ, ଉତ୍ତରପ୍ରଦେଶ, ଗୁଜରାଟ, ଝାଡଖଣ୍ଡ, ଛତିଶଗଡ, ପଶ୍ଚିମବଙ୍ଗ ପ୍ରଭୃତି ରାଜ୍ୟରୁ ବଡ ବଡ ଟ୍ରକ ଆଣି ଖଣିଜ ଦ୍ରବ୍ୟ ପରିବହନ କରୁଛନ୍ତି। ଏହି ସମସ୍ୟାର ସମାଧାନ କରିବା ପରିବର୍ତ୍ତେ ରାସ୍ତା କଡରେ ଯାନବାହନ ଚେକିଂ କରାଯାଉଥିବାରୁ ସଂକୀର୍ଣ୍ଣ ରାସ୍ତାରେ ଶହ ଶହ ଗାଡି ଅଟକି ରହୁଛି। ବଡବିଲ ଆରଟିଓ ଅଫିସ ପକ୍ଷରୁ ରାତି ୮ଟା ପରେ ଏଭଳି ତନଖି କରାଯାଉଥିବାରୁ ଲୋକେ ହଇରାଣ ହେଉଥିବା ଅଭିଯୋଗ କରିଛନ୍ତି।



ଯୋଡାରେ ଟ୍ରାଫିକ ଜାମ୍ ।

- ବୈଠକ ପରେ ବୈଠକ ବସୁଛି, ଫଳ ଶୂନ
- ଖଣିଜ ଦ୍ରବ୍ୟ ଉତ୍ତୋଳନ ଓ ପରିବହନ ଉପରେ ନାହିଁ କଟକଣା
- ରାଜ୍ୟ ବାହାରୁ ଅଣାଯାଉଛି ବଡ଼ବଡ଼ ଭାରିଯାନ
- ନିର୍ମାଣାଧୀନ ରାସ୍ତା ସମସ୍ୟାକୁ କରୁଛି ଜଟିଳ

## ସଂକ୍ଷେପରେ

### ରାସ୍ତା ପାରହେବା ବେଳେ ଗାଡ଼ି ଧକ୍କାରେ ଜଣେ ମୃତ

ଆନନ୍ଦପୁର,୨୬।୭(ସ୍ୱ.ପ୍ର.)- କେନ୍ଦୁଝର ଜିଲା ଘସିପୁରା ଥାନା ହସନପୁର ଟୋଲ ଗେଟ୍ ନିକଟରେ ଗାଡି ଧକ୍କାରେ ସୁମନ୍ତ ବେହେରା(୧୯) ନାମକ ଅନ୍ୟ ଏକ ଗାଡିର ହେଲପରଙ୍କ ମୃତ୍ୟୁ ଘଟିଛି। ତାଙ୍କ ଘର ଢେଙ୍କାନାଳ ଜିଲା କଙ୍କଡାହାଡ ଅଞ୍ଚଳରେ। ଟୋଲଗେଟ୍ ନିକଟରେ ସେ ରାସ୍ତା ପାର ହେଉଥିବା ସମୟରେ ଦ୍ରୁତ ଗତିରେ ଆସୁଥିବା ଏକ ଗାଡି ତାଙ୍କୁ ଧକ୍କା ଦେଇ ଚାଲି ଯାଇଥିଲା। ପରେ ରାସ୍ତାରୁ ତାଙ୍କୁ ଉଦ୍ଧାର କରି ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘସିପୁରା ଥାନା ପୋଲିସ ଏହାର ତଦନ୍ତ କରୁଛି।

### କାମ ନ କରିବାରୁ ୨ ମିସ୍ତ୍ରିଙ୍କୁ ମାଡ଼

କେନ୍ଦୁଝର, ୨୬।୭(ସ୍ୱ.ପ୍ର.)- କେନ୍ଦୁଝର ଜିଲା ହରିଚନ୍ଦନପୁର ଥାନା ଅନ୍ତର୍ଗତ ଜାମୁଯୋଡି ଗ୍ରାମରେ ୨ ଜଣ ରାଜମିସ୍ତ୍ରି ସରିର ନାଗ (୨୭) ଓ ଏମ୍‌ଡି ଆବ୍ଦୁଦ ସେକ (୨୫)ଙ୍କୁ ଆକ୍ରମଣ କରାଯିବାରୁ ସେମାନେ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ହରିଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇ ସେଠାରୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସେମାନଙ୍କ ଘର ମୁର୍ଶିଦାବାଦରେ ବୋଲି ଜଣାପଡିଛି । ଏହି ଦୁଇ ରାଜମିସ୍ତ୍ରି ଜଣଙ୍କ ଘରେ କାମ କରିବାକୁ ମନା କରିବା ଘଟଣା ନେଇ ଏଭଳି ଗଣ୍ଡଗୋଳ ଘଟିଥିବା କୁହାଯାଉଛି। ଖବର ପାଇ ପୋଲିସ ଘଟଣାର ତଦନ୍ତ କରୁଥିବା କହିଛି।

### ପୋଲିସ ପକ୍ଷରୁ ସଫେଇ ଅଭିଯାନ



ପାଟଣା,୨୬।୭(ସ୍ୱ.ପ୍ର.)-କେନ୍ଦୁଝର ଜିଲା ପାଟଣା ଥାନା କର୍ମଚାରୀ ଶୁକ୍ରବାର ଥାନା ଓ ମେଡିକାଲ ସନ୍ନିକଟ ଅଞ୍ଚଳରୁ ଅଳିଆ ଆବର୍ଜନା ସଫା କରିଥିଲେ। ଏହି କାର୍ଯ୍ୟକ୍ରମରେ ଏସଆଇ ବୈଲୋଚନ ସିଂ, ଏ ଏସ ଆଇ ସୁଧାଂଶୁଶେଖର ଜେନା, ମହେଶ୍ୱର ମୁଣ୍ଡା ,କନଷ୍ଟେବଲ ବିକ୍ରମ ମୁଣ୍ଡା, ଅମରେନ୍ଦ୍ର ମିଶ୍ର, ଗୋପାଳ ପାତ୍ର ଓ ସୁରେଶ ମହାନ୍ତ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ପରିବେଶକୁ ସଫା ସୁତୁରା ରଖିବା ଲାଗି ସେମାନେ ଏହି ଅବସରରେ ସଚେତନତାର ବାର୍ତ୍ତା ଦେଇଥିଲେ।

### 'ଯୋଗ ମାଧମରେ ସୁସ୍ଥ ସମାଜ ଗଠନ ସମ୍ଭବ'

ହାଟଡିହୀ,୨୬।୭(ସ୍ୱ.ପ୍ର.)- କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଅନ୍ତର୍ଗତ ସୋସୋ ମହାବିଦ୍ୟାଳୟ ପରିସରରେ ଏକ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଅଧକ୍ଷ ଲବ କିଶୋର ବେହେରା ସଭାପତିତ୍ୱ କରି ସୁସ୍ଥ ସମାଜ ଗଠନ ପାଇଁ ଯୋଗ ହିଁ ଶ୍ରେଷ୍ଠ ମାଧମ ବୋଲି କହିଥିଲେ । ପତଞ୍ଜଳି ଯୁବଭାରତ ଓଡିଶା ପ୍ରଭାରୀ ପିତାମ୍ବର ସାହୁ ଶିବିରରେ ଯୋଗ ଦେଇ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଯୋଗଭ୍ୟାସ କରାଇଥିଲେ । ଖବରଦାତା କିଶୋର ଆଚାର୍ଯ୍ୟ, ଗୋପାଳ ରାଉତ, ବିଜୟ କୁମାର ଜେନା, ସଞ୍ଜୀବ ମହାନ୍ତି, ସୁନୀଲ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ ।

### କାଛ ପଡ଼ି ଗୁରୁତର



ତେଲକୋଇ,୨୬।୭ (ଡି.ଏନ.ଏ.)- କେନ୍ଦୁଝର ଜିଲା ତେଲକୋଇ ବ୍ଲକ ଅନ୍ତର୍ଗତ ପଡାଙ୍ଗ ଗ୍ରାମରେ କାନ୍ଥ ପଡିଯିବା ଯୋଗୁ ୨ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ପ୍ରଥମେ ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇ ପରେ କେନ୍ଦୁଝର ଜିଲା ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି । ଆହତ ଦ୍ୱୟ ହେଲେ ପଡାଙ୍ଗ ଗ୍ରାମର କରୁଣାକର ସାହୁ ଓ ଅଭି ମହାକୁଡ। ସେମାନେ ଘର ପିଣ୍ଡାରେ ବସିଥିବାବେଳେ କରୁଣାକରଙ୍କର ମାଟି କାନ୍ଥ ଭୁଶୁଡି ପଡିଥିଲା।

## ନାଗ ଦଂଶନରେ ଜଣେ ମୃତ

ଢେଙ୍କିକୋଟ, ୨୬।୭(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ଢେଙ୍କିକୋଟ ଗ୍ରାମ ଭାଲୁହୁଡ଼ି ସାହିରେ ଗୁରୁବାର ଏକ ନାଗସାପ ଦଂଶନରେ ପ୍ରଫୁଲ୍ଲ ନାୟକ(୫୫)ଙ୍କର ମୃତ୍ୟୁ ଘଟିଛି। ସେ ଅପରାହ୍ନରେ ବିଲରୁ କାମ ସାରି ଘରକୁ ଫେରିଥିଲେ। ସେ କବାଟ ଖୋଲି ଭିତରକୁ ଯିବାବେଳେ ଏକ ନାଗସାପ ତାଙ୍କ ବାମ ଗୋଡ଼କୁ ଦଂଶନ କରିଥିଲା। ପ୍ରଫୁଲ୍ଲ ଏକ କାଠ ଫାଳିଆରେ ନାଗକୁ ପିଟି ମାରି ଦେଇଥିଲେ। ତାଙ୍କ ପାଖରେ ପୁଅ, ପୁତୁରା କିମ୍ବା ପଡ଼ୋଶୀ ନ ଥିବାରୁ ସେ କୌଣସି ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ନ ପାରି ଘର ବାରଣ୍ଡାରେ ପଡ଼ି ରହିଥଲେ। ରାତି ୮ଟାରେ ତାଙ୍କର ମୃତ୍ୟୁ ଘଟିଥିଲା। ଶନିବାର ପ୍ରଫୁଲ୍ଲଙ୍କ ପୁଅ ଆସି ଢେଙ୍କିକୋଟ ଫାଣ୍ଡିରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଗାଁକୁ ଯାଇ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲା। ମୃତଦେହ ଉଦ୍ଧାର ବେଳେ ନିକଟରେ ନାଗସାପ ପଡ଼ିଥିବା ଦେଖିବାକୁ ମିଳିଥିଲା। ଏନେଇ ଘଟଗାଁ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୩୯/୧୯) ରୁଜୁ କରିଛି।

## ସ୍କୁଲ ପଡ଼ିଆକୁ ନେଇ ବିବାଦ: ପ୍ରଶାସନର ହସ୍ତକ୍ଷେପ ଲୋଡିଲେ ଗ୍ରାମବାସୀ

କେନ୍ଦୁଝର ୨୬।୭ (ସ୍ୱ.ପ୍ର.)

ସଦର କେନ୍ଦୁଝର ବ୍ଲକ ଅନ୍ତର୍ଗତ କାଉଁରୀକଳା ପଞ୍ଚାୟତର ବଉଳମାଳା ଗ୍ରାମରେ ବିଦ୍ୟାଳୟ ପଡିଆକୁ ଜବରଦଖଲ କରାଯିବା ନେଇ ବିବାଦ ଦେଖାଦେଇଛି । ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ୧୯୯୦ ମସିହାରେ ସ୍ଥାପିତ ଏହି ବିଦ୍ୟାଳୟ ନିକଟରେ ଥିବା ଜମିକୁ ଖେଳପଡିଆ ଭାବେ ବ୍ୟବହାର କରାଯାଉଥିଲା। ୨୦୧୩ରୁ ଏହାକୁ ଜବରଦଖଲ କରି ଚାଷ କରାଯିବାରୁ ଏହା ବିରୋଧରେ ଗ୍ରାମବାସୀ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ । ନ୍ୟାୟାଳୟ ବିଦ୍ୟାଳୟ ସପକ୍ଷରେ ରାୟ ଦେଇଥିଲେ। ଏହା ସତ୍ତ୍ୱେ ଜମି ଜବରଦଖଲ ମୁକ୍ତ ହୋଇ ନ ଥିଲା। ଏହିପରିପ୍ରେକ୍ଷୀରେ ଗ୍ରାମବାସୀ ଏକଜୁଟ ହୋଇ ବିବାଦୀୟ ଜମି ଉପରେ ରାସ୍ତା ନିର୍ମାଣ କରିବାରୁ ଗ୍ରାମରେ ଚାପା ଉତ୍ତେଜନା ପ୍ରକାଶ ପାଇଛି । ଜିଲା ପ୍ରଶାସନ ତୁରନ୍ତ ଏଥିରେ ହସ୍ତକ୍ଷେପ କରି ବିବାଦର ସମାଧାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ନ ହେଲେ ସେମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ଖଣି ଲିଜ୍‌ଧାରୀଙ୍କ ପ୍ରତି ସରକାରଙ୍କ କୋହଳ ନୀତି

ଯୋଡ଼ା, ୨୬।୭(ଡି.ଏନ.ଏ.)

ରାଜ୍ୟର ଯେଉଁ ଲୁହାପଥର ଖଣିଗୁଡିକର ମିଆଦ ୨୦୨୦ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଶେଷ ହେଉଥିଲା ସେହି ଖଣିଗୁଡିକ ଆଉ ଦୁଇ ବର୍ଷ ଅର୍ଥାତ ତା୩୧।୩।୨୦୨୨ ରିଖ ପର୍ଯ୍ୟନ୍ତ ମଧ୍ୟବର୍ତ୍ତିକାଳୀନ ବ୍ୟବସ୍ଥା ସ୍ୱରୂପ ଲୁହା ପଥର ଗଚ୍ଛିତ ରଖିବାକୁ ଅନୁମତି ପାଇଛନ୍ତି । ରାଜ୍ୟ ସରକାରଙ୍କ ଖଣି ଓ ଇସ୍ପାତ ବିଭାଗ ଏ ସଂକ୍ରାନ୍ତରେ ଏକ ବିଜ୍ଞପ୍ତି (ନଂ ୫୩୫୯ ତା ୨୫।୭।୨୦୧୯ରିଖ) ଜାରି କରିଛନ୍ତି। ରାଜ୍ୟ ସରକାର ଓଡିଶା ଖଣିଜ ରୁଲ୍ ୨୦୦୭ର ୧୦(ଖ) ଅଧୀନରେ ରାଜ୍ୟରେ ଥିବା ମଧ୍ୟବର୍ତ୍ତିକାଳୀନ ଷ୍ଟକ୍‌ୟାର୍ଡଗୁଡିକୁ ଏହି ଅନୁମତି ଦେଇଥିବା ଜଣାପଡିଛି। ରାଜ୍ୟ ସରକାର ଖଣି ଲିଜଧାରୀ ମାଲିକମାନଙ୍କ ପ୍ରତି ଏଭଳି କୋହଳ ମନୋଭାବ ପୋଷଣ କରିଥିଲେ ମଧ୍ୟ କେତେକ ସର୍ତ୍ତ ରଖିଛନ୍ତି। ସେହି ସର୍ତ୍ତଗୁଡିକ ହେଲା– ଲୁହାପଥର ଗଚ୍ଛିତ କରିବାର ଲାଇସେନ୍ସ ତା ୩୧।୩।୨୦୨୨ରିଖ ପର୍ଯ୍ୟନ୍ତ ବୈଧ ରହିବ, ଲାଇସେନ୍ସ ପ୍ରାପ୍ତ ଖଣି ମାଲିକଙ୍କ କାପ୍ଟିଭ ବ୍ୟବହାର ଉଦ୍ଦେଶ୍ୟରେ ଷ୍ଟକ୍‌ୟାର୍ଡରେ ଲୁହାପଥର ଗଚ୍ଛିତ ରଖାଯିବ ଏବଂ ଲାଇସେନ୍ସ ଧାରକମାନେ ସମସ୍ତ ଆଇନଗତ ଅନୁମତି ଓ ସ୍ୱୀକୃତି ହାସଲ କରିବେ ।

## ଯୋଗ ପ୍ରାଣାୟମ ସଚେତନତା ଶିବିର



ଶିବିରରେ ଛାତ୍ରୀଗଣ ।

ବଉଳା, ୨୬।୭(ଡି.ଏନ.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଛେନାପଦୀ ବିଶ୍ୱତାରିଣୀ ମହିଳା ମହାବିଦ୍ୟାଳୟରେ ଯୋଗ ପ୍ରାଣାୟମ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ପତଞ୍ଜଳୀ ଯୋଗ ସମିତିର ରାଜ୍ୟପ୍ରଭାରୀ ପୀତାମ୍ବର ସାହୁ ଯୋଗ ଦେଇ ଛାତ୍ରୀମାନଙ୍କୁ ଯୋଗର ଉପକାରିତା ସମ୍ପର୍କରେ ସୂଚନା ପ୍ରଦାନ କରିବା ସହ ଯୋଗ ଦ୍ୱାରା କିପରି ଶରୀର ଓ ମନ ସୁସ୍ଥ ରୁହେ ଓ ଏକାଗ୍ରତା ଆସେ ବୁଝାଇ ଯୋଗ ଶିକ୍ଷା ଦେଇଥିଲେ । ଅଧକ୍ଷ ଦାୟିତ୍ୱରେ ଥିବା ସବିତା ସ୍ୱାଇଁ, ଅଧ୍ୟାପକ ରବୀନ୍ଦ୍ର କୁମାର ଜେନା, ଉଷାରାଣୀ ଦାସ, ନନ୍ଦିଆ ମୋହନ ପଟ୍ଟନାୟକ, ହିମାଂଶୁ ଶେଖର ମିଶ୍ର, ରାଜଶ୍ରୀ ଗୋସ୍ୱାମୀ, ମମତା ବିଶୋଇ, ସୁକାନ୍ତି ମହାପାତ୍ର, ଆରତୀ ମଜୁମଦାର, ସୁରଭି ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଅନୁରୂପ ବଉଳା କଲେଜରେ ଯୁବ ପ୍ରଭାରୀ ସାହୁ ଯୋଗ ଦେଇ ଯୋଗ ପ୍ରାଣାୟମର ଉପକାରିତା ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ । ଅଧକ୍ଷ ଦାୟିତ୍ୱରେ ଥିବା ନବକିଶୋର ବେହେରା, ହେମନ୍ତ କୁମାର ନାଥ , ଶିବଚରଣ ଖାମୁରାଇ, ସମାଜସେବୀ ପତଞ୍ଜଳୀ କରଶର୍ମା, ଅଧାପିକା ସୁନନ୍ଦା ରାଣୀ ବେହେରା, ସୁନୀଲ କୁମାର ନାୟକ, ବିଜୟ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ପରେ କଲେଜ ପରିସରରେ ଗଛ ଲଗାଯାଇଥିଲା ।

## ବର୍ଷା କବିତା ଆସର

ଆନନ୍ଦପୁର,୨୬।୭(ସ୍ୱ.ପ୍ର.)

ଫକୀରପୁର ସାହିତ୍ୟ ସଂସଦ ପକ୍ଷରୁ ବର୍ଷା କବିତା ଆସର ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ସରୋଜ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କବିତା ଆସର କାର୍ଯ୍ୟକ୍ରମରେ ବରିଷ୍ଠ କବି ସତୀଶ ଚନ୍ଦ୍ର ଦାଶ, ଶିକ୍ଷାବିତ୍ ବିଜୟ କୁମାର ଷେଣ୍ଢ ଅତିଥି ଭାବେ ଯୋଗଦେଇଥିଲେ। କବି ଏକାଦଶୀ ନାଥ, ଅନନ୍ତ ଚରଣ ଦେହୁରୀ, ନରହରି ନାଥ, ରମାକାନ୍ତ ଓଝା, ଅଜ୍ଞାନ କୁମାର ରାଉତ, ରବୀନ୍ଦ୍ର କୁମାର ସାହୁ ପ୍ରମୁଖ ୨୦ରୁ ଊର୍ଦ୍ଧ୍ୱ କବି ଏଥିରେ ଅଂଶ ଗ୍ରହଣ କରି ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ସଂସଦର ସମ୍ପାଦକ ଅନିଲ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସଂସଦର ବରିଷ୍ଠ ସଦସ୍ୟ ବସନ୍ତ କୁମାର ସାହୁ, ନାରାୟଣ ବାରିକ, ଲକ୍ଷ୍ମଣ କୁମାର ଦାସ, ଅନନ୍ତ ଚନ୍ଦ୍ର ନାଥ, ସଞ୍ଜୟ ଓଝା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ତାଲୁକ ଆଇନ ସେବା ସମିତି ପକ୍ଷରୁ ମେଗା ବୃକ୍ଷରୋପଣ

ଆନନ୍ଦପୁର,୨୬।୭(ସ୍ୱ.ପ୍ର.)

ଓଡିଶା ହାଇକୋର୍ଟର ପ୍ରତିଷ୍ଠା ଦିବସ ପରିପ୍ରେକ୍ଷୀରେ ଆନନ୍ଦପୁର ତାଲୁକ ଆଇନସେବା ସମିତି ପକ୍ଷରୁ ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତାଲୁକ ଆଇନସେବା ସମିତି ଅଧକ୍ଷ ତଥା ଅତିରିକ୍ତ ଜିଲା ଦୌରାଜଜ୍ ରାଜେଶ ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମ ଅବସରରେ ଶାଳପଡା ପଶୁ ସମ୍ପଦ ବିଭାଗ କାର୍ଯ୍ୟାଳୟ ପରିସରରେ ୫୫୦ଟି ବିଭିନ୍ନ କିସମର ଚାରା ରୋପଣ କରାଯାଇଥିଲା। ଏସଡିଜେଏମ ଶିବାନୀ ଆଚାର୍ଯ୍ୟ, ଜେଏମଏଫସି ଅମିତ କୁମାର, ଘସିପୁରା ଗ୍ରାମ୍ୟ ନ୍ୟାୟାଳୟ ନ୍ୟାୟାଧିକାରୀ ମାନସୀ ପ୍ରଧାନ, ଓକିଲ ସଂଘର ସଭାପତି ସଞ୍ଜୟ କୁମାର ମିଶ୍ର, ତାଲୁକ ଆଇନ ସେବା ସମିତି ସଦସ୍ୟ ଆଇନଜୀବୀ ବାଇଧର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ବନ ବିଭାଗ ପକ୍ଷରୁ ଏସିଏଫ ସୁରେଶ ଚନ୍ଦ୍ର ସେଠୀ, ରେଞ୍ଜ ଅଫିସର ପ୍ରଶାନ୍ତ କୁମାର ସ୍ୱାଇଁ, ଫରେଷ୍ଟର ନବ କିଶୋର ସାହୁ, ରଞ୍ଜନ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ଆନନ୍ଦପୁର ଆଦର୍ଶ ବିଦ୍ୟାଳୟର ଅଧକ୍ଷଙ୍କ ନେତୃତ୍ୱରେ ଛାତ୍ରୀଛାତ୍ର ଓ ଅନ୍ୟ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ବୃକ୍ଷରୋପଣ କରିଥିଲେ।

## ପ୍ରସ୍ତାବିତ ସ୍ଥାନ ପରିଦର୍ଶନ କଲେ ପ୍ରତିନିଧି ଦଳ

### କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ କାର୍ଯ୍ୟ ତ୍ୱରାନ୍ୱିତ

ଆନନ୍ଦପୁର,୨୬।୭(ସ୍ୱ.ପ୍ର.)

ଆନନ୍ଦପୁରରେ ଶିଆଡିମାଳିଆଠାରେ ପ୍ରସ୍ତାବିତ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ଲାଗି ୮ ଏକର ଜମି ମିଳିବା ପରେ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। ଏହି ଜମିର ଲିଜ୍ ଡିଡ୍‌ରେ ଜିଲାପାଳ ଦସ୍ତଖତ ମାରିବା ପରେ ଏହା ଦିଲ୍ଲୀ କେନ୍ଦ୍ରୀୟ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ନିକଟକୁ ଆବଶ୍ୟକ ଔପଚାରିକତା ପାଇଁ ପଠାଯାଇଛି। ସେଠାରୁ ଆନୁମୋଦନ ମିଳିବା ପରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ କାର୍ଯ୍ୟ ଧାର୍ଯ୍ୟ ହେବ । ଏହି ପରିପ୍ରେକ୍ଷୀରେ ଏକ ଉଚ୍ଚ ସ୍ତରୀୟ ଟିମ୍ ଶୁକ୍ରବାର ପ୍ରସ୍ତାବିତ ସ୍ଥାନ ପରିଦର୍ଶନ କରି ଫେରିଛନ୍ତି। ଏହି ଟିମ୍‌ରେ ଭୁବନେଶ୍ୱର ଓ ବ୍ୟାସନଗର କେନ୍ଦ୍ରୀୟ ବିଦ୍ୟାଳୟ ଅଧକ୍ଷ ସାମିଲ ହୋଇଥିବାବେଳେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଆନନ୍ଦପୁର ଉପଜିଲାପାଳ ରବୀନ୍ଦ୍ର କୁମାର ସାହୁ, ତହସିଲଦାର ତପନ କୁମାର ନାୟକ, ପୂର୍ତ୍ତ ବିଭାଗ ସହକାରୀ ଅଧିକାରୀ ସମୀର କୁମାର ଅଧିକାରୀ ଓ ଆରଆଇ ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନ ପରିଦର୍ଶନ କରି କେନ୍ଦ୍ରୀୟ ଟିମ୍ ସନ୍ତୋଷ ପ୍ରକାଶ କରିଛନ୍ତି। ଆଗାମୀ ମାସେ କିମ୍ବା ଦୁଇ ମାସ ମଧ୍ୟରେ କେନ୍ଦ୍ରୀୟ ବିଦ୍ୟାଳୟ କାର୍ଯ୍ୟକାରୀ ହେବାର ଆଶା ଉଜ୍ଜ୍ୱଳ ହେଇଛି ବୋଲି ଉପଜିଲାପାଳ ସାହୁ ସୂଚନା ଦେଇଛନ୍ତି। କେନ୍ଦ୍ରୀୟ ଟିମ୍‌ର ପରିଦର୍ଶନ ସମୟରେ ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଉପସ୍ଥିତ ରହି ଆଲୋଚନା କରିଥିଲେ। ଏଥିପୂର୍ବରୁ ଗତ ଏପ୍ରିଲ୍ ମାସ ୨୩ ତାରିଖରେ ଏକ ଟିମ୍ ଏହି ସ୍ଥାନ ପରିଦର୍ଶନ କରି ରିପୋର୍ଟ ପ୍ରଦାନ କରିଥିଲା।




ପ୍ରତିନିଧି ଦଳ ଚିହ୍ନଟ ସ୍ଥାନ ବୁଲି ଦେଖୁଛନ୍ତି।

## ବାଲ୍ ଶିକ୍ଷା ସଂସ୍ଥାନର ପ୍ରତିଷ୍ଠା ଦିବସରେ ବୃକ୍ଷରୋପଣ

ଆନନ୍ଦପୁର,୨୬।୭(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆନନ୍ଦପୁର ପୌରପରିଷଦ ଘସିପୁରା ଠାରେ କନକ ମଞ୍ଜରୀ ବାଲ ଶିକ୍ଷା ସଂସ୍ଥାନର ୩୨ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ନିର୍ଦ୍ଦେଶକ ଶ୍ରୀଧର ମହାରଣାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ପରିଚାଳନା କମିଟିର ଅଧକ୍ଷ ବ୍ରଜବନ୍ଧୁ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ଉପଦେଷ୍ଟା ପ୍ରାଗଜୀ ଭଗବାନଲାଲ ପଡିଆରୀ, ଅଭିଭାବକ ପ୍ରଭାତ କୁମାର ପଣ୍ଡା ଅତିଥି ଭାବେ ଯୋଗଦେଇଥିଲେ। ପରେ ପ୍ରଧାନ ଆଚାର୍ଯ୍ୟ ମନମୋହନ ଦାଶଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା। ବିଦ୍ୟାଳୟର ଉପପ୍ରଧାନ ଆଚାର୍ଯ୍ୟ ସଂଗ୍ରାମ କେଶରୀ ପରିଡା, ଆଚାର୍ଯ୍ୟ ମନୋଜ କୁମାର ଶତପଥୀ, ନଟବର ସାହୁ, କାଳନ୍ଦୀ ମହାରଣା, ତ୍ରିଲୋଚନ ପୁହାଣ, ସତ୍ୟଜିତ୍ ସାହୁ, ଚିତ୍ରସେନ ସାହୁ, ଆଚାର୍ଯ୍ୟା ରୋନାଲୀ ଜେନା, ଜ୍ୟୋସ୍ନାମୟୀ ନାୟକ, ସନ୍ଧ୍ୟାରାଣୀ ପଟ୍ଟନାୟକ, ସ୍ନିଗ୍ଧା ସରିତା ମହାରଣା, ଲିପ୍‌ସାରାଣୀ ସାହୁ, ପଦ୍ମିନୀ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

## କମ୍ ବୃଷ୍ଟିପାତ ନେଇ ଚିନ୍ତାରେ ଚାଷୀ

କେନ୍ଦୁଝର, ୨୬।୭ (ସ୍ୱ.ପ୍ର./ ଡି.ଏନ.ଏ.)

କୃଷିପ୍ରଧାନ କେନ୍ଦୁଝର ଜିଲାରେ ସ୍ୱଳ୍ପ ବୃଷ୍ଟିପାତ ଖରିଫ ଚାଷ କାର୍ଯ୍ୟରେ ବାଧକ ସାଜିଛି। ଚାଷ ଉପଯୋଗୀ ବର୍ଷା ଅଭାବରୁ ଅନେକ ଅଞ୍ଚଳରେ ଜମି ପଡିଆ ପଡିଛି। ପର୍ଯ୍ୟାପ୍ତ ଜଳସେଚନ ସୁବିଧା ନ ଥିବାରୁ ଜିଲାର ବିଭିନ୍ନ ଅଞ୍ଚଳରେ ଚାଷୀ ବର୍ଷାଜଳ ଉପରେ ନିର୍ଭର କରିଥାନ୍ତି । ଏଥର ବର୍ଷା ହେବା ପରେ ଚାଷୀମାନେ କେତେକ ଅଞ୍ଚଳରେ ତଳି ପକାଇବା ସହ ରୁଆ କାମ କରିଥିଲେ । ପରବର୍ତ୍ତୀ ଅବସ୍ଥାରେ ବର୍ଷା ନ ହେବାରୁ ଚାଷ କାମ ଆଗେଇ ପାରିନାହିଁ। ସରକାରୀ ତଥ୍ୟ ଅନୁଯାୟୀ ଜୁନରେ ଜିଲାରେ ୨୪୧.୪ ମି.ମି. ବର୍ଷା ହେବା ସ୍ଥାନରେ ୧୪୩.୨୨ ମିମି ବର୍ଷା ହୋଇଛି। ସେହିପରି ଚଳିତ ମାସ ୨୫ ତାରିଖ ସୁଦ୍ଧା ୩୧୮ମି.ମି. ବର୍ଷା ହେବାକୁ ଥିବା ବେଳେ ମାତ୍ର ୧୭୫.୪୬ ମି.ମି. ବର୍ଷା ହୋଇଛି । ଏଭଳି ଅବସ୍ଥାରେ ସମ୍ଭାବ୍ୟ ମରୁଡି ପରିସ୍ଥିତିର ମୁକାବିଲା ଲାଗି ପ୍ରଶାସନ କୌଣସି ପଦକ୍ଷେପ ନେଇ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଜଳସେଚନ ସୁବିଧା ଲାଗି ବନ୍ଧ, କେନାଲ ନିର୍ମାଣ, ମରାମତି ବାବଦରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ କେନାଲ ଥିବା ଅଞ୍ଚଳର ତଳମୁଣ୍ଡରେ ପାଣି ପହଞ୍ଚୁ ନ ଥିବା ଅଭିଯୋଗ ହେଉଛି। କୃଷି ବିଭାଗ ପକ୍ଷରୁ ଫସଲ କ୍ଷୟକ୍ଷତି ସମ୍ପର୍କରେ ଠିକ ତଥ୍ୟ ଦିଆଯାଉ ନ ଥିବାରୁ ଚାଷୀମାନେ କୌଣସି ସହାୟତା ପାଇ ପାରୁ ନ ଥିବା ନବନିର୍ମାଣ କୃଷକ ସଂଗଠନର ଆବାହକ ଲକ୍ଷ୍ମୀଧର ପ୍ରଧାନ ଅଭିଯୋଗ କରିଛନ୍ତି।

ଗୋଟିଏ ଦିଗରେ ବର୍ଷାଭାବ ଓ ଅନ୍ୟ ଦିଗରେ ଜଙ୍ଗଲ ତଳି ଇଲାକାରେ ହାତୀ ଉପଦ୍ରବ ଚାଷୀଙ୍କୁ ଅଥୟ କରିଛି। ଜିଲାର ଚମ୍ପୁଆ, ବାଂଶପାଳ, ହରିଚନ୍ଦନପୁର, ସଦର, ଘଟଗାଁ, ତେଲକୋଇ ଓ ପାଟଣାଅଞ୍ଚଳରେ ହାତୀ ଉପଦ୍ରବ ଚରମସୀମାରେ ପହଞ୍ଚିଛି। ଚାଷମାନେ ଜମିରେ ପକାଇଥିବା ଧାନତଳିକୁ ହାତୀପଲ ମାଡିମକଚି ନଷ୍ଟ କରୁଥିବା ଚାଷୀଙ୍କ ଦୁଃଖକୁ ଦ୍ୱିଗୁଣିତ କରିଛି।



ଧାନଜମି ପଡ଼ିଆ ପଡ଼ିଛି।

### ମରୁଡ଼ି ଅଞ୍ଚଳ ଘୋଷଣା ଲାଗି ଦାବିପତ୍ର

ସ୍ୱଳ୍ପ ବୃଷ୍ଟି ହେତୁ କେନ୍ଦୁଝର ଜିଲାକୁ ମରୁଡି ଅଞ୍ଚଳ ଘୋଷଣା କରାଯାଉ ବୋଲି ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲାରେ ହାତୀ ଉପଦ୍ରବ ବୃଦ୍ଧି ପାଉଥିବାରୁ ଏହାର ପ୍ରତିକାର କରିବା ଏବଂ ଖଣିଖାଦାନରେ ଚାଷୀ ପରିବାରର ଲୋକଙ୍କୁ ନିଯୁକ୍ତି ସୁଯୋଗ ଦେବା ପାଇଁ ଏଥିରେ ଦାବି କରାଯାଇଛି। ସଂଗଠନର ଜିଲା ସଂଯୋଜକ ଲକ୍ଷ୍ମୀଧର ପ୍ରଧାନଙ୍କ ନେତୃତ୍ୱରେ ଇନ୍ଦ୍ରମଣି ବିଶ୍ୱାଳ,ଶ୍ୟାମସୁନ୍ଦର ମହାନ୍ତ,ସଂଗ୍ରାମ କିଶୋର ପ୍ରମୁଖ ଶୁକ୍ରବାର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।